## ଆଚାର୍ଯ୍ୟ ହରିହର ଶିଶୁଭବନ ପ୍ରତିଷ୍ଠାତା ସଦସ୍ୟଙ୍କ ଶ୍ରାଦ୍ଧୋତ୍ସବ

**ସାକ୍ଷୀଗୋପାଳ, ୨୮।୩(ସମିସ):** ଆଚାର୍ଯ୍ୟ ହରିହର ଶିଶୁ ଭବନ ସାକ୍ଷୀଗୋପାଳ ସଭାଗୃହରେ ସମସ୍ତ ଅନ୍ତେବାସୀ, କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶିଶୁ ଭବନର ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ବୀରେନ୍ଦ୍ର ଦାସଙ୍କ ୪୮ ତମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। ବୀରେନ୍ଦ୍ର ଦାସ ଏକାଧାରରେ ଜଣେ ସାହିତ୍ୟିକ, ସମାଜସେବୀ ଏବଂ ଆଚାର୍ଯ୍ୟ ହରିହର ଶିଶୁ ଭବନର ପୂର୍ବତନ କୋଷାଧ୍ୟକ୍ଷ ଥିଲେ। ଉପସଭାପତି ଶ୍ରୀ ହୋତା, ଅନୁଷ୍ଠାନର କର୍ମଚାରୀଙ୍କ ମଧ୍ୟରେ ଅଧ୍ୟକ୍ଷ ସୁବୋଧ କୁମାର ସ୍ୱାଇଁ, ଜ୍ୟୋତିରାଣୀ ମିଶ୍ର, କବିତା ପାତ୍ର, ଶାନ୍ତନୁ କୁମାର ସାହୁ, ସର୍ବଲତା ନାୟକ, ପ୍ରମୋଦ ଜେନା, ଲକ୍ଷ୍ମୀଧର ସାହୁ ପ୍ରମୁଖ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସେହି ମହାନୁଭବଙ୍କ ଗୁଣଗାନ କରିଥିଲେ। ତାଙ୍କରି କାର୍ଯ୍ୟଶୈଳୀ ଓ ସହୃଦୟତାର ପଥ ଅନୁସରଣ କରିବା ନିମନ୍ତେ ଉପସଭାପତି ଶ୍ରୀ ହୋତା ଶିଶୁମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ସୁବୋଧ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଡେଲାଙ୍ଗରେ ବାଲି ଚୋରା ଚାଲାଣ ଲଗାମଛଡ଼ା

# ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ଡେଲାଙ୍ଗ, ୨୮।୩(ସମିସ)**



ଡେଲାଙ୍ଗ ଥାନା ଅଞ୍ଚଳରେ ସ୍ୱଚ୍ଛ ଦିବାଲୋକରେ ବେଆଇନ ମାଙ୍କଡ଼ା ପଥର ଓ ବାଲି ଚୋରା ଚାଲାଣ ହେଉଛି। ବାଲି ଓ ମାଙ୍କଡ଼ା ବୋଝେଇ ଭାରୀଯାନଗୁଡ଼ିକ ବିଭିନ୍ନ ଛକ ଓ ବଜାର ଭଳି ଜନବହୁଳ ସ୍ଥାନମାନଙ୍କରେ ଦ୍ରୁତଗତିରେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ଏଥିରେ ରୋକ୍ ଲଗାଇବାକୁ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ପୁଲିସ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଶନିବାର ଜଣେ କାର୍ଯ୍ୟରତ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମୃତ ଶିକ୍ଷକ ଜଣକ ଡେଲାଙ୍ଗ କଲ୍ୟାଣପୁର ପଞ୍ଚାୟତ ଅଧୀନ ହରିପୁର ଗ୍ରାମର ପର୍ଶୁରାମ ସାହୁ। ସେ ନୂଆହାଟ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ।

ଖବର ମୁତାବକ, ଶନିବାର ଶ୍ରୀ ସାହୁ ଶିଶୁ ବାଟିକାରେ ନାମଲେଖା ନିମନ୍ତ୍ରଣପତ୍ର ବଣ୍ଟନ ପାଇଁ ବିଦ୍ୟାଳୟରୁ ବାହାରି ନିଜ ବାଇକ୍ ଯୋଗେ ନିକଟ ଗାଁକୁ ଯାଉଥିବାବେଳେ ବିଦ୍ୟାଳୟଠାରୁ ୧୦୦ ମିଟର ଦୂରରେ ଦୁର୍ଘଟଣା ଘଟିଥିଲା। ନିକଟ ଦୟା ନଦୀରୁ ବାଲି ବୋଝେଇ କରି ପଛୁଆ ଆସୁଥିବା ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଶିକ୍ଷକ ଶ୍ରୀ ସାହୁ ରାସ୍ତାରେ ପଡ଼ିଯାଇଥିବା ବେଳେ ବାଲି ବୋଝେଇ ଟ୍ରାକ୍ଟର ପଛପଟୁଆ ତାଙ୍କ ଉପରକୁ ଚଢ଼ିଯାଇଥିବା ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି। ଉପସ୍ଥିତ ଲୋକେ ତୁରନ୍ତ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଡେଲାଙ୍ଗ ପୁଲିସ ପହଞ୍ଚି ଏକ ମାମଲା ରୁଜୁ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିବା ଜଣାପଡ଼ିଛି। ମୃତ ଶିକ୍ଷକଙ୍କ ବାଇକ୍ ଓ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ପୁଲିସ ଥାନାକୁ ନେଇଆସିଥିବା ବେଳେ ଘଟଣାସ୍ଥଳରୁ ଚାଳକ ଫେରାର୍ ହୋଇଯାଇଥିବା ଦାୟିତ୍ୱରେ ଥିବା ଡେଲାଙ୍ଗ ଥାନା ଅଧିକାରିଣୀ ମମତା ବିଶ୍ୱାଳ ସୂଚନା ଦେଇଛନ୍ତି। ତେବେ ଥାନାକୁ ଆସିଥିବା ଟ୍ରାକ୍ଟରର କାଗଜପତ୍ର ସହିତ ବାଲି କେଉଁଠୁ ଆସୁଥିଲା ଓ କେଉଁ ସ୍ଥାନକୁ ଯାଉଥିଲା ସେ ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି। ଅନ୍ୟପଟରେ କାର୍ଯ୍ୟରତ ଶିକ୍ଷକଙ୍କ ମୃତ୍ୟୁ ଖବର ପ୍ରଘଟ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଧର୍ମପତ୍ନୀ ମନୋରମା ସାହୁଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଅନ୍ତ୍ୟେଷ୍ଟିକ୍ରିୟା ନିମନ୍ତେ ସହାୟତା ପ୍ରଦାନ କରିଥିଲେ। ସେହିପରି ଶିକ୍ଷକ ପବିତ୍ର ମୋହନ ଜେନା, ସାରଥ ପ୍ରଧାନ, ଅଭୟଚରଣ ସାହୁ, ଦୟାନିଧି ମାଝୀ, ସୁଧୀର ଜେନା, ପ୍ରଦୀପ ସେଠୀ ପ୍ରମୁଖଙ୍କ ସମେତ ଶତାଧିକ ଶିକ୍ଷକ ଯୋଗ ଦେଇ ଶ୍ରୀ ସାହୁଙ୍କୁ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

### ନିମାପଡ଼ା ବାର୍ ଆସୋସିଏସନ ନିର୍ବାଚନ

# ଅଭିମନ୍ୟୁ ସଭାପତି ଓ ପ୍ରସୁଜିତ୍ ସମ୍ପାଦକ ନିର୍ବାଚିତ



**ନିମାପଡ଼ା, ୨୮।୩(ସମିସ):** ନିମାପଡ଼ା ବାର୍ ଆସୋସିଏସନର ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଭାବେ ଆଇନଜୀବୀ ଅଭିମନ୍ୟୁ ସ୍ୱାଇଁ, ଉପସଭାପତି ଭାବେ ଦୁର୍ଯ୍ୟୋଧନ ବାରିକ, ସମ୍ପାଦକ ଭାବେ ପ୍ରସୁଜିତ୍ ପରିଡ଼ା ଓ ସହ ସମ୍ପାଦକ ଭାବେ ପ୍ରିୟଙ୍କା ରଥ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଗୌରାଙ୍ଗ ସାହୁ ନିର୍ବାଚନ ପରିଚାଳନା କରିଥିବାବେଳେ ଉପ ନିର୍ବାଚନ ଅଧିକାରୀ ଭାବେ ଜୟଦେବ ମିଶ୍ର ଓ ବାଦଲସାବେଦ ରଥ ସହଯୋଗ କରିଥିଲେ। ସେହିପରି ନିମାପଡ଼ା କୁଟିଆଲ ବାର୍ ଆସୋସିଏସନର ସଭାପତି ଭାବେ ବାମନ ଚରଣ ନାୟକ, ଉପ ସଭାପତି ଭାବେ ପ୍ରଦୀପ୍ତ କୁମାର ମିଶ୍ର, ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ରାଉତରାୟ ଓ ସହ ସମ୍ପାଦକ ଭାବେ ସରୋଜ କୁମାର ଦାଶ ନିର୍ବାଚିତ ହୋଇଛନ୍ତି। ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଜେଡି ନେତା ସୁବ୍ରତ ଛାଟୋଇ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବିଜେଡି ବ୍ଲକ ସଭାପତି ଭାଗ୍ୟଧର ଖଟୋଇ, ଏନ୍‌ଏସି ଉପସଭାପତି ଧନୁର୍ଦ୍ଧର ଦାସ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ଦୁର୍ଲ୍ଲଭ ନାୟକ, ଅଶୋକ ସାହୁ, ଜୀବନାନନ୍ଦ ମହାପାତ୍ର, ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପ୍ରଧାନ, ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ବାହାରଣା ମଠ ତୋଟା ମେଳଣ



**ଚାରିଛକ, ୨୮।୩(ସମିସ):** ଚାରିଛକ ନିକଟସ୍ଥ ବାହାରଣା ଗ୍ରାମରେ ଥିବା ବହୁ ପୁରାତନ ମଠ ତୋଟା ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମେଳଣରେ ଥାନପତି ଭାବେ ଐଶାନେଶ୍ୱର ଠାକୁର ପୂର୍ବଦିନ ରାତିରେ ମନ୍ଦିରରୁ ବାହାରି ଘଣ୍ଟ ପଖୋଜ ସହିତ ଘୋଡ଼ା ନାଚ, ସମ୍ବଲପୁରୀ, ଆଧୁନିକ ବାଦ୍ୟଯନ୍ତ୍ର ବଜାଇ, ବାଣ ଫୁଟାଇ ସ୍ୱତନ୍ତ୍ର ଶୋଭାଯାତ୍ରାରେ ଆସି ମେଳଣ ପଡ଼ିଆରେ ପହଞ୍ଚିଥିଲେ। ପରେ ଦୁର୍ଗେଶ୍ୱର ଗଡ଼ର ଦୁର୍ଗେଶ୍ୱର, ବରିମୁଣ୍ଡ (୧), ବରିମୁଣ୍ଡ (୨), ବଳେଶ୍ୱର, ବଇଁଶୀ ଲୋଚନ, କଣ୍ଟିର ସ୍ୱପ୍ନେଶ୍ୱର, ଗଡ଼ କର୍ମଳାରୁ ବୁଦ୍ଧେଶ୍ୱର, ସିମିଳିର ଲକ୍ଷ୍ମୀନାରାୟଣ, ଅମରେଶ୍ୱର ଗୋତୀର୍ଥରୁ ଗୋପୀନାଥଠାକୁର ଆସି ପହଞ୍ଚିବା ପରେ ସେଠାରେ ଏକ ଘଣ୍ଟ ପଖୋଜ ବାଦ୍ୟ ପରିବେଷଣ କରାଯାଇଥିଲା। ସକାଳୁ ସମସ୍ତ ଠାକୁରଙ୍କ ନୀତିକାନ୍ତି ଅନୁସାରେ ପୂଜା କରାଯିବା ପରେ ବିଭିନ୍ନ ପ୍ରକାର ନାମ ସଂକୀର୍ତ୍ତନ ଓ ଭଜନ ପରିବେଷଣ କରାଯାଇଥିଲା। ଏହି ମେଳଣକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ସମୟରେ ସ୍ୱତନ୍ତ୍ର କଳାକାରଙ୍କ ଦ୍ୱାରା ଯାତ୍ରା ପରିବେଷଣ ହୋଇଥିଲା। ଏହି ମେଳଣ କାର୍ଯ୍ୟକ୍ରମକୁ କିମିଟି ସଭାପତି ପ୍ରମେଶ କୁମାର ପଟ୍ଟନାୟକଙ୍କ ସହିତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ମୃତ ଷଣ୍ଢର ସଂସ୍କାର କଲେ ଲୋକେ

**ନୟାହାଟ, ୨୮।୩(ସମିସ):** ରାମ ନବମୀ ଦିନ ନୟାହାଟ ବଜାରରେ ଏକ ବୁଲା ଷଣ୍ଢ ଉପରେ ଏକ ଅଜଣା ଗାଡ଼ି ମାଡ଼ିଯିବାରୁ ଘଟଣାସ୍ଥଳରେ ଷଣ୍ଢଟିର ମୃତ୍ୟୁ ଘଟିଥିଲା। ନୟାହାଟ ବଜାରର ମେଡିକାଲରୁ କଲେଜ ଛକ ମଧ୍ୟରେ ଏକ ଅଜଣା ଗାଡ଼ି ଧକ୍କାରେ ଷଣ୍ଢଟିର ମୃତ୍ୟୁ ଘଟିଥିଲା। ଯାହାଫଳରେ ମୃତ ଷଣ୍ଢଟି କାକଟପୁର-ଚାରିଛକ ମୁଖ୍ୟ ରାସ୍ତା ଉପରେ ପଡ଼ିରହିଥିଲା। ନୟାହାଟ ବଜାରର ମୋବାଇଲ୍ ବ୍ୟବସାୟୀ ସୂର୍ଯ୍ୟକାନ୍ତ ଖଟୋଇଙ୍କ ସହିତ ବ୍ୟବସାୟୀ ସଙ୍ଘ ସଭାପତି ଫକୀର ଚରଣ ବାରିକ ଓ ଅନ୍ୟ ବ୍ୟକ୍ତିମାନେ ସହଯୋଗ କରି ରାମେଶ୍ୱର ଜଙ୍ଗଲରେ ଷଣ୍ଢଟିର ସଂସ୍କାର କରିଥିଲେ।

## କାକଟପୁର ବଜାରରେ ପୁଲିସର ପଇଁତରା

**ଗମ୍ଭାରୀପଦା, ୨୮।୩(ସମିସ):** ଶୁକ୍ରବାର ଥିଲା ପବିତ୍ର ରାମ ନବମୀ। ରାମ ଧ୍ୱନୀରେ କମ୍ପୁଥିଲା କାକଟପୁର। ରାସ୍ତାର ଦୁଇ କଡ଼ରେ ହଜାର ହଜାର ସଂଖ୍ୟାରେ ଲୋକେ ଉପଭୋଗ କରୁଥିଲେ। ରାମ ଲାଲାଙ୍କ ଧୁନ୍ ସହିତ ଆକର୍ଷଣୀୟ ତୋରଣ ଏବଂ ଡିଜେର ମଜା ନେଉଥିଲେ ରାମ ଭକ୍ତମାନେ। କିଛି ବୁଝିବା ପୂର୍ବରୁ ପୁଲିସରେ ଛାଉଣୀ ହୋଇଗଲା ୟୁକୋ ବ୍ୟାଙ୍କ ଛକ। ବନ୍ଦ କରାଗଲା ରାଲି। ଗୋଷ୍ଠୀ ସଂଘର୍ଷ ହେବାର ସମ୍ଭାବନା ଥିବାରୁ ପୁଲିସ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

## ରଘୁନାଥ ଦେବଙ୍କ ପୀଠରେ ପାରାୟଣ ଆରମ୍ଭ



**କୃଷ୍ଣପ୍ରସାଦ, ୨୮।୩(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଜରକୋଟ ପଞ୍ଚାୟତ ତାଳତୋଳା ଗ୍ରାମରେ ଥିବା ରଘୁନାଥଙ୍କ ମନ୍ଦିରରେ ରାମ ନବମୀ ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ୩୭ତମ ପାରାୟଣ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାସ ଭାବେ ସନ୍ଥଶ୍ରୀ କରୁଣାକର ଦାସଜୀ ମହାରାଜ ଏବଂ ପୂଜ୍ୟ ପ୍ରବକ୍ତା ଶ୍ରୀଶ୍ରୀ ୧୦୮ ଶ୍ରୀମହନ୍ତ ସୁନ୍ଦର ରାମଦାସଜୀ ମହାରାଜ (ମଥୁରା ମଠାଧୀଶ) ଯୋଗଦେଇଥିଲେ। ପ୍ରତ୍ୟହ ରାମ ଚରିତ ମାନସ ପଠନ କରାଯାଉଥିଲା। ପ୍ରବଚକ ଭାବେ ଅଧ୍ୟାପକ ପ୍ରଦୀପ କୁମାର ଜେନା, ପ୍ରଶାନ୍ତ ପଲାଇ ଏବଂ କାଶିନାଥ ଜେନା ଯୋଗଦେଇଥିଲେ। ବିଭିନ୍ନ ଗ୍ରାମରୁ ଶହଶହ ଶ୍ରଦ୍ଧାଳୁ ଭୋର୍‌ରୁ ରାମଙ୍କୁ ଦର୍ଶନ କରି ଭୋଗ ପୂଜା ସାରି ଫେରିଥିଲେ। ଶୁକ୍ରବାରଠାରୁ ୯ ଦିନ ଧରି ରାମ ଚରିତ ମାନସ ପାରାୟଣ ଆରମ୍ଭ ହୋଇଛି। ଭୋର୍‌ରୁ ମହିଳାମାନେ ୧୦୮ ଜଳ ଭର୍ତ୍ତି କଳସରେ ଗ୍ରାମ କଳସ ଯାତ୍ରା କରିଥିଲେ। ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମର ସଭାପତି ଭ୍ରମରବର ପ୍ରଧାନ, ସମ୍ପାଦକ ସୁକାନ୍ତ ଜେନା, ଉଲ୍ଲାସ ପ୍ରଧାନ, ପ୍ରମୋଦ ପ୍ରଧାନ, ଦୁର୍ଯ୍ୟୋଧନ ତରେଇ, ଧନେଶ୍ୱର ଜେନା, ସୀମାଞ୍ଚଳ ଜେନା, ପ୍ରସନ୍ନ ବିଶ୍ୱାଳଙ୍କ ସମେତ ଗ୍ରାମର ସମସ୍ତ କର୍ମକର୍ତ୍ତା ସହଯୋଗ କରିଛନ୍ତି। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ




**ଚାରିଛକ, ୨୮।୩(ସମିସ):** ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ସଂସ୍କୃତ ବିଭାଗ ଏବଂ ଇତିହାସ ବିଭାଗ ଆନୁକୂଲ୍ୟରେ +୩ ତୃତୀୟ ବର୍ଷୀୟା ଛାତ୍ରୀମାନଙ୍କ ଉପଲକ୍ଷେ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅଶୋକ କୁମାର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କୁ ତାଙ୍କ ପିତାମାତା ଦେଖିଥିବା ସ୍ୱପ୍ନକୁ ସାକାର କରିବା ସହ ନିଜକୁ ଉତ୍ତମ ନାଗରିକ ରୂପେ ଗଢ଼ିତୋଳିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ କାନନବାଳା ନନ୍ଦ ଯୋଗଦେଇଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ସଂସ୍କୃତ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣିମା ମହାନ୍ତି, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, ପରୀକ୍ଷା ନିୟନ୍ତ୍ରକ ଡ. ଶ୍ରୀଲେଖା ନାୟକ, ଅଧ୍ୟାପିକା ସୁଲୋଚନା ସାହୁ, ସିପ୍ରାରାଣୀ ମହାପାତ୍ର, ଅନିତା ବିଶ୍ୱାଳ, ଅଧ୍ୟାପକ ଜଗନ୍ନାଥ ପଣ୍ଡା, ସୁକାନ୍ତ କିଶୋର ବଡୁ, ଡ. କୀର୍ତ୍ତିମୟୀ ରାଉତରାୟ, ଡିଇଓ ଦିବାକର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। +୩ ପ୍ରଥମ ଏବଂ ଦ୍ୱିତୀୟ ଛାତ୍ରୀମାନେ ବିଦାୟୀ ଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେଇଥିଲେ। ଅଧ୍ୟାପିକା ପୂଜା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି; ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ

# ଭୂଇଁରେ ଲୋଟିଲା ପାଚିଲା ଧାନ ଫସଲ



**କଣାସ, ୨୮।୩(ସମିସ):** ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବାବେଳେ ଶୁକ୍ରବାର ରାତି ସାଢ଼େ ୧୦ଟାରେ କାଳବୈଶାଖୀ ଯୋଗୁଁ ପ୍ରବଳ ବେଗରେ ପବନ ବହିଥିଲା। ଫଳରେ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ଼, ଗୋପୀନାଥପୁର, କାଦୁଆ, ବଡାଲ, ଦୋଛିଆଁ, ସାହୁପଡ଼ା, ଦେଇପୁର, ଗଡ଼ଖାରଦ, ବକୁ, ଦିବ୍ୟସିଂହପୁର, ତୁପୁରିଙ୍ଗି, ଗଡ଼ସାହି, ବିନ୍ଧଣ, ବିଜିପୁର, ଅଣ୍ଡାଳସିଂହ ଖଣ୍ଡାହାତ ଗ୍ରାମପଞ୍ଚାୟତର ରବି ଧାନ ଫସଲ ନଷ୍ଟ ହୋଇଯାଇଛି। ପ୍ରବଳ ବେଗରେ ପବନ ବହିବାରୁ ପାଚିଲା ଧାନ ଗଛ ଭୂଇଁରେ ଲୋଟିଯାଇଛି। କଞ୍ଚା ଧାନ କେଣ୍ଡାଗୁଡ଼ିକ ଛିଡ଼ି ନଷ୍ଟ ହୋଇଯାଇଛି।

ଖରିଫ୍ ଚାଷ କରି ଚାଷୀ ଫସଲ ଅମଳ କରିବାଠାରୁ ଧାନ ବିକ୍ରି କରିବା ପର୍ଯ୍ୟନ୍ତ ନାନା ହଇରାଣ ହରକତ ହୋଇଛନ୍ତି। ଅଦ୍ୟାବଧି ମଧ୍ୟ ଅନେକ ସ୍ଥାନରେ ଖରିଫ୍ ଧାନ ବିକ୍ରି ହୋଇ ନ ପାରି ଘରେ ଓ ମଣ୍ଡିରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ ପଡ଼ି ରହିଛି। ଏହାପରେ ଜମିରେ ରବି ଚାଷ ପାଇଁ ଚାଷୀମାନେ ଖରାଟିଆ ଧାନ ଚାଷ କରିଥିଲେ। ବର୍ତ୍ତମାନ ଉକ୍ତ ଜମିରେ ଧାନ ପାଚି ଯାଇଥିବାରୁ ପ୍ରବଳ ବେଗରେ ପବନ ବହିବା ହେତୁ ଧାନ ଗଛଗୁଡ଼ିକ ଶୋଇଯାଇଥିବା ବେଳେ ଧାନ ଶିଶାରୁ ଧାନ ଝଡ଼ି ପଡ଼ିଛି। ତତ୍ ସହିତ ଅନେକ ଧାନ ଗଛରୁ ଧାନ କେଣ୍ଡାମାନ ଛିଡ଼ିଯାଇ ଜମିରେ ପଡ଼ିଛି। ଚାଷୀମାନେ ଧାନ ଜମିର ଦୃଶ୍ୟ ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେପଟେ ଖରିଫ୍ ଧାନ ବିକ୍ରି କରି ନ ପାରି ଚାଷୀ ଚିନ୍ତାରେ ଥିବାବେଳେ ରବି ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ନ ପାରି ଅନେକ ଚାଷଙ୍କ ଚିନ୍ତା ଚାରିଗୁଣା ହୋଇପଡ଼ିଛି। ବର୍ତ୍ତମାନ କାଳବୈଶାଖୀ ଯୋଗୁଁ ପାଚିଲା ଧାନ ଭୂଇଁରେ ଲୋଟିଥିବାବେଳେ ଚାଷୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏଥି ସହିତ ଚାଳ ଛପର ଘର ଉଡ଼ାଇବା ସହିତ ପ୍ରବଳ ଧୂଳି ଝଡ଼ ଯୋଗୁଁ ରାସ୍ତାରେ ଯାଉଥିବା ବ୍ୟକ୍ତିମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ୧୨ ଘଣ୍ଟା ଗଡ଼ିଶାଗୋଦା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

**ଗଡ଼ିଶାଗୋଦା ଅଞ୍ଚଳରେ ୧୨ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ**

## ନାଗପୁର ବଜାରରୁ ଜବରଦଖଲ ଉଚ୍ଛେଦ } ଭାଙ୍ଗିଲା ଶତାଧିକ ଦୋକାନ ଗୃହ

**ଗୋପ, ୨୮।୩(ସମିସ):** ଗୋପ ତହସିଲ୍ ଅଧୀନ ନାଗପୁର ବଜାରରେ ସରକାରୀ ଜାଗାକୁ ବେଆଇନ ଭାବେ ଜବରଦଖଲ କରି ଶତାଧିକ ଦୋକାନ ଗଢ଼ି ଉଠୁଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତୀକରଣ କରିବାରେ ସମସ୍ୟା ଉପୁଜିଥିଲା। ବିଭିନ୍ନ ସମୟରେ ନାଗପୁର ବଜାରରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ପରେ ଶନିବାର ଗୋପ ତହସିଲ୍ ପକ୍ଷରୁ ଜବରଦଖଲ କରିଥିବା ସରକାରୀ ଜାଗାକୁ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋପ ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାଶ ଓ ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଥିବା ବେଳେ ପାଖାପାଖି ୨୦୦ ଦୋକାନ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ରାସ୍ତା ପ୍ରଶସ୍ତୀକରଣ କରାଯିବା ଲାଗି ଯୋଜନା ରହିଥିବା ସୂଚନା ମିଳିଛି। ତେବେ ଉଚ୍ଛେଦ କାର୍ଯ୍ୟରେ ନାଗପୁର ରାଜସ୍ୱ ନିରୀକ୍ଷକ ଚନ୍ଦ୍ରକାନ୍ତ ବେହେରା, ଅତିରିକ୍ତ ତହସିଲ୍‌ଦାର ସତ୍ୟଜିତ୍ ନାୟକ ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

## ଉନ୍ନତ ଚାଷ କୌଶଳ ନେଇ ଚାଷୀଙ୍କୁ ପରାମର୍ଶ

**ସାକ୍ଷୀଗୋପାଳ, ୨୮।୩(ସମିସ):** କୃଷି ବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ ପରିସରରେ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ଏକ କୃଷକ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟରେ ଚାଲୁଥିବା ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଯଥା- ପଶୁ ପାଳନରେ ଯାନ୍ତ୍ରୀକରଣ, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଶ୍ରମ ବିଜ୍ଞାନ ଓ ସୁରକ୍ଷା ଏବଂ ଅମଳ ପରବର୍ତ୍ତୀ ଯାନ୍ତ୍ରିକ ଓ ବୈଷୟିକ ଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ଦ୍ୱାରା ସାକ୍ଷୀଗୋପାଳଠାରେ ଏହି ଚାଷୀ ମେଳାରେ ମହାବିଦ୍ୟାଳୟର କ୍ଷେତ୍ର ଯନ୍ତ୍ରପାତି ଓ ଶକ୍ତି ବିଭାଗର ମୁଖ୍ୟ ପ୍ରଫେସର ମାର୍କଣ୍ଡେୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହା ସହିତ ଅମଳ ପରବର୍ତ୍ତୀ ଯାନ୍ତ୍ରିକ ଓ ବୈଷୟିକ ଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ମୁଖ୍ୟ ପ୍ରଫେସର ଉମାଶଙ୍କର ପାଲ୍ ଖାଦ୍ୟ ପ୍ରକ୍ରିୟାକରଣରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି ବିଷୟରେ ଅବଗତ କରାଇଥିଲେ। ବଳଦ ଚାଳିତ ଯନ୍ତ୍ରପାତି ଏବଂ ପଶୁ ପାଳନରେ ଯାନ୍ତ୍ରୀକରଣ ବିଷୟରେ ଇଂ ଅନୁପ ବେହେରା ବିଶେଷ ଭାବେ ଆଲୋକପାତ କରିଥିଲେ। ଏହି ଚାଷୀ ମେଳାରେ ଏକ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ସ୍ୱାଗତ ସମ୍ଭାଷଣ ରଖିବା ସହ କେନ୍ଦ୍ରର ପ୍ରମୁଖ କାର୍ଯ୍ୟକ୍ରମ ବିଷୟରେ ଚାଷୀଙ୍କୁ ସୂଚନା ଦେଇଥିଲେ। କୃଷି ଯାନ୍ତ୍ରୀକରଣ ବିଭାଗର ବୈଜ୍ଞାନିକ ଡ. ଦୀପଶିଖା ପରମଜିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମତ୍ସ୍ୟ ବିଜ୍ଞାନର ବୈଜ୍ଞାନିକ ଡ. ଅମ୍ବିକା ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସୁମିତା ଆଚାର୍ଯ୍ୟ, ଡ. ସାର୍ଥକ ପଟ୍ଟନାୟକ, ଡ. ବିଷ୍ଣୁପଦ ଗିରି କାର୍ଯ୍ୟକ୍ରମ ସମ୍ପାଦନାରେ ସହାୟତା କରିଥିଲେ।

### ଲୋକଙ୍କ ଜୀବନ ସହ ଖେଳୁଛନ୍ତି ଥଣ୍ଡା ପାନୀୟ କମ୍ପାନୀ ମାଲିକ

# ବଜାରରେ ବେନାମୀ ଥଣ୍ଡା ପାନୀୟ; ଯାଞ୍ଚ ହେଉନି ମାନ

**ନୟାହାଟ, ୨୮।୩(ସମିସ)**





ବର୍ତ୍ତମାନ ପ୍ରବଳ ଖରା ହେଉଥିବାବେଳେ ବିଭିନ୍ନ କମ୍ପାନୀର ଥଣ୍ଡା ପାନୀୟ, ସୋଡ଼ା, ପାଣି ବୋତଲ ବଜାରରେ ବିକ୍ରି ହେଉଛି। ଲୋକେ ନିଜର ତୃଷ୍ଣା ମେଣ୍ଟେଇବା ପାଇଁ ଏହାକୁ ବ୍ୟବହାର କରୁଥିବାବେଳେ ବେନାମୀ କମ୍ପାନୀମାନେ ସାଧାରଣ ଲୋକଙ୍କ ଜୀବନ ସହ ଖେଳିବାକୁ ପଛାଉନାହାନ୍ତି। ନୟାହାଟ ଅଞ୍ଚଳରେ ବିନା ଲାଇସେନ୍ସରେ ଏକାଧିକ ନକଲି ପାଣି ପାଉଚ୍, ମିନେରାଲ ୱାଟର ସାଙ୍ଗକୁ ବିଭିନ୍ନ ନାମୀଦାମୀ କମ୍ପାନୀର ଲୋଗୋରେ ନକଲି ଥଣ୍ଡା ଓ ପାନୀୟ ସୋଡ଼ାର ବେଆଇନ ଭାବେ ବିକ୍ରି ଚାଲିଛି। ବିନା ଲାଇସେନ୍ସ, ବିନା ଟେଷ୍ଟିଂରେ ନକଲି ଥଣ୍ଡା ପାନୀୟ ତିଆରି କରୁଥିବା ବେନାମୀ କାରଖାନା ମାଲିକ, ଉକ୍ତ ନକଲି ଥଣ୍ଡା ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଜିଲ୍ଲା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପୁରୀ ଜିଲ୍ଲା ଖାଦ୍ୟ ନିରାପତ୍ତା ଓ ଜନସ୍ୱାସ୍ଥ୍ୟ ବିଭାଗ ସ୍ଥାଣୁ ପାଲଟିଥିବା ଅଭିଯୋଗ ହେଉଛି। ଏହି ନକଲି ପାନୀୟ ଜଳ ସେବନ କରିବା ଦ୍ୱାରା ପେଟ ରୋଗ ଓ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି ବୋଲି କେତେକ ଡାକ୍ତର ପ୍ରକାଶ କରିଛନ୍ତି। ବଜାରରେ ବିକ୍ରି ହେଉଥିବା ଅନେକ ପାଣି କମ୍ପାନୀର ପାଣି ବୋତଲ ଓ ପାଣି ପାଉଚ୍‌ର ବ୍ୟବହାର ଏବଂ ଅବଧି ସମ୍ପର୍କରେ କୌଣସି ସୂଚନା ନାହିଁ।

ଅନ୍ୟପକ୍ଷରେ ବେନାମୀ କାରଖାନାର ମାଲିକମାନେ ନାମୀଦାମୀ କମ୍ପାନୀର ଲୋଗୋ ଥିବା ଜରି, ଖାଲି ବୋତଲ କ୍ରୟ କରି ଦୂଷିତ ଜଳ ପୂରାଇ ବିଭିନ୍ନ ପ୍ରକାର ଥଣ୍ଡାର ଫ୍ଲେଭର ମିଶାଇ ବଜାରକୁ ଛାଡୁଛନ୍ତି। ପାଣି ଓ ଥଣ୍ଡା ତିଆରି କରିବା ପାଇଁ କମ୍ପାନୀର ଟ୍ରେଡ୍‌ମାର୍କ ଓ ପାଣିର ମାନ ପରୀକ୍ଷା ସାର୍ଟିଫିକେଟ୍, ଲବୋରେଟୋରୀ ସାର୍ଟିଫିକେଟ୍, ବିଏସ୍‌ଆଇ, ଆଇଏସ୍‌ଆଇ ସାର୍ଟିଫିକେଟ୍, ଫୁଡ୍ ଲାଇସେନ୍ସ ଏକାଧିକ ସର୍ତ୍ତେ ସର୍ତ୍ତାବଳୀ ନିୟମ ରହିଛି। ଏମିତିକି ଜଳ ଶିଳ୍ପରେ ଦୁଇଟି ଲାବୋରେଟୋରୀ ରହିବା ନିହାତି ଜରୁରୀ। ଗୋଟିଏ ରାସାୟନିକ ପରୀକ୍ଷା କରିବା ବାଧ୍ୟତାମୂଳକ ହୋଇଥିବାବେଳେ ଅନ୍ୟଟି ମାଇକ୍ରୋ ବାୟୋଲୋଜି ଲାବୋରେଟୋରୀ ରହିବା କଥା; ଯେଉଁଥିରେ ଉଭୟ ରାସାୟନିକ ଓ କ୍ଷୁଦ୍ର ଅଣୁଜିବର ପରୀକ୍ଷଣ ହେବା ପରେ ପାଣି ବିକ୍ରି କରିବା କଥା। ଏଠାରେ ଥିବା କେତେକ ବେନାମୀ ପାଣି କମ୍ପାନୀ ଉକ୍ତ ନିୟମକୁ ଗୁରୁତ୍ୱ ନ ଦେଇ କେବଳ ଲୋକ ଦେଖଣିଆ ଭାବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଫୁଡ୍ ଲାଇସେନ୍ସ ହାତେଇ ପାଣି ତିଆରି ହେଉଥିବା କାନ୍ଥରେ ଟାଙ୍ଗି ଦେଇ ଦୀର୍ଘ ଦିନ ଧରି ବେପାର କରି ଆସୁଛନ୍ତି। ଉକ୍ତ ପାଣି ପାଉଚ୍ ଓ ଥଣ୍ଡା ବୋତଲଗୁଡ଼ିକ କିଛି ଦିନ ରହିବା ପରେ ଭିନ୍ନ ପ୍ରକାର ଗନ୍ଧ ବାହାରୁଥିବାବେଳେ ସ୍ୱାଦ ଅନ୍ୟପ୍ରକାର ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ଏହି ପାଣି କାରଖାନାର ଜଳ ନମୁନା ସଂଗ୍ରହ କରି ରାଜ୍ୟ ଖାଦ୍ୟ ପରୀକ୍ଷାଗାରକୁ ପଠାଇବା ତ ଦୂରର କଥା ସେମାନେ ଚଢ଼଼ଉ କରିବା ପୂର୍ବରୁ ବେନାମୀ ପାଣି କାରଖାନା ମାଲିକମାନଙ୍କୁ ଜିଲ୍ଲା ଖାଦ୍ୟ ସୁରକ୍ଷା କର୍ମଚାରୀମାନେ ଆଗୁଆ ସୂଚନା ଦେଇ ଆସିଥାନ୍ତି। ଯାହା ଫଳରେ ବେନାମୀ ପାଣି କାରଖାନା ମାଲିକ ପାଣି କାରଖାନାକୁ ବନ୍ଦ ରଖିଥା'ନ୍ତି। ବିଭାଗୀୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ସଚିବ, ସ୍ଥାନୀୟ ପୁଲିସ ଓ ପୁରୀ ଉପଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବା ସହ ବେନାମୀ ପାଣି ଓ ଥଣ୍ଡା ପ୍ରସ୍ତୁତ କାରଖାନା ଏବଂ ବିକ୍ରି ହେଉଥିବା ଦୋକାନଗୁଡ଼ିକ ଉପରେ ଚଢ଼ଉ କରି ଉତ୍ପାଦିତ ପାଣି ଓ ଥଣ୍ଡା ନମୁନା ସଂଗ୍ରହ କଲେ ଏହାର କେତେ ସୁଦ୍ଧତା, ଗୁଣବତ୍ତା ରହିଛି ତାହା ଜଣାପଡ଼ନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଶ୍ରୀକ୍ଷେତ୍ର ସିଟି

୨୮/୩/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୪,୯୮୯/- ସୁନା:୦୫.୩୫୦ ଗ୍ରାମ୍ ରୁପା: ୧୬.୩୦୦ ଗ୍ରାମ୍





## ସାହିଯାତର ଦ୍ୱିତୀୟ ସନ୍ଧ୍ୟା

# ଯଜ୍ଞରକ୍ଷା କଲେ ରାମ, ଲକ୍ଷ୍ମଣ

ପୁରୀ,୨୮।୩(ସମିସ): ତ୍ରେତୟା ଯୁଗର କଥା। ଅଯୋଧ୍ୟାରେ ମୁନୀଋଷିମାନେ ଯଜ୍ଞ କାର୍ଯ୍ୟ କରୁଥା'ନ୍ତି। ଏହି ସମୟରେ ସୁବାହୁ (ନାକ), ମାରିଚ (କାନ)ଙ୍କ ସହ ତାଡ଼କୀ ଆଦି ରାକ୍ଷସଗଣ ଆସି ବାରମ୍ବାର ଯଜ୍ଞରେ ବାଧା ସୃଷ୍ଟି କରନ୍ତି। ରାକ୍ଷସଙ୍କ ତାଡ଼ନାରେ ଅତିଷ୍ଠ ହୋଇ ମହର୍ଷି ବିଶ୍ୱାମିତ୍ର ଯଜ୍ଞରକ୍ଷା ନିମନ୍ତେ ଅଯୋଧ୍ୟାର ରାଜା ଦଶରଥଙ୍କୁ ନିବେଦନ କରନ୍ତି। ରାକ୍ଷସଙ୍କ ବିନାଶ କରି ଯଜ୍ଞରକ୍ଷା ନିମନ୍ତେ ଦଶରଥ ଦୁଇପୁତ୍ର ରାମ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦିଅନ୍ତି। ପିତାଙ୍କ ଆଜ୍ଞା ପାଇ ରାମ, ଲକ୍ଷ୍ମଣ ମହର୍ଷିଙ୍କ ସହିତ ଯାଇ ରାକ୍ଷସଙ୍କ ସହ ଯୁଦ୍ଧ କରି ସେମାନଙ୍କୁ ନିପାତ କରନ୍ତି। ଏହାପରେ ଯଜ୍ଞ କାର୍ଯ୍ୟ ହୁଏ। ଶନିବାର ସାହିଯାତର ଦ୍ୱିତୀୟ ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ଏହି ଯଜ୍ଞ ରକ୍ଷା ନୀତି ସମ୍ପନ୍ନ ହୋଇଛି। ଆଠସାହି ପକ୍ଷରୁ ସାହିଯାତ ମାଧ୍ୟମରେ ପାଳିତ ହେଉଛି ରାମଲୀଳା। ଦଶମୀ ଅବସରରେ ସମ୍ପନ୍ନ ହୋଇଛି ରାମଲୀଳାର ଯଜ୍ଞରକ୍ଷା ନୀତି। ହରଚଣ୍ଡୀ ସାହି ପକ୍ଷରୁ ଏହି ନୀତି କରାଯାଇଛି।



ଯଜ୍ଞରକ୍ଷା ନୀତି ଲାଗି ହରଚଣ୍ଡୀ ସାହିରୁ ନାକ, କାନ ବାହାରିଥିଲେ। ପଟୁଆରରେ ସେମାନେ ସାହି ପରିକ୍ରମା କରିବା ସହିତ ବାଲିସାହିରେ ପହଞ୍ଚିଥିଲେ। ସେଠାରୁ ସିଂହଦ୍ୱାର ଦେଇ ଶ୍ରୀଜଗନ୍ନାଥ ବଲ୍ଲଭରେ ପହଞ୍ଚିଥିଲା ପଟୁଆର। ଏପଟେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ନୀତି ଏବଂ ଦକ୍ଷିଣୀ ଘର ଭୋଗ ନୀତି ବଢ଼ିଥିଲା। ମହାଜନ ସେବକ ଦକ୍ଷିଣୀ ଘରୁ ରାମ-ଲକ୍ଷ୍ମଣଙ୍କୁ ନେଇ ରତ୍ନସିଂହାସନ ଉପରେ ବିଜେ କରାଇଥିଲେ। ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ମହାଜନ ସେବକ ରାମ-ଲକ୍ଷ୍ମଣଙ୍କୁ ବଟ ବୃକ୍ଷ ମୂଳେ ଥିବା ପାଲିଙ୍କିକୁ ବିଜେ କରାଇଥିଲେ। ବିମାନ ବଡୁମାନେ ପାଲିଙ୍କିକୁ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଜଗନ୍ନାଥ ବଲ୍ଲଭକୁ ନେଇଥିଲେ। ରାମ-ଲକ୍ଷ୍ମଣଙ୍କୁ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଝୁଲଣ ଘର ଖଟ ଉପରେ ବିଜେ କରାଯାଇଥିଲା। ଏହାପରେ ମଠର ଆରାଧ୍ୟ ସୁଗ୍ରୀବ ମହାରାଜଙ୍କଠାରୁ ଆଜ୍ଞାମାଳ ବିଜେ ହୋଇଥିଲା। ଠାକୁରଙ୍କ ନିକଟରେ ଶୀତଳ ଭୋଗ ପନ୍ତି ହୋଇଥିଲା। ଏହାପରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ପଟୁଆରରେ ଆସି ନାକ, କାନ ପ୍ରମୁଖ ଯଜ୍ଞରକ୍ଷା ନୀତିରେ ସାମିଲ୍ ହୋଇଥିଲେ। ରାମ, ଲକ୍ଷ୍ମଣ ରାକ୍ଷସଗଣକୁ ନିପାତ କରି ଯଜ୍ଞରକ୍ଷା କରିଥିଲେ। ତ୍ରେତୟା ଯୁଗର ରାମଲୀଳା ନୀତି ଦେଖିବା ଲାଗି ଜଗନ୍ନାଥ ବଲ୍ଲଭ ମଠରେ ପ୍ରବଳ ଭିଡ଼ ଜମିଥିଲା। ଅନ୍ୟପକ୍ଷରେ ଶନିବାର ଥିଲା ମାଟିମଣ୍ଡପ ସାହିର ଯାତ। ପରମ୍ପରା ଅନୁଯାୟୀ ରାତିରେ ମାଟିମଣ୍ଡପ ସାହି ଆଖଡ଼ାରୁ ନିଶାଣ ଶୋଭାଯାତ୍ରା ବାହାରିଥିଲା। ଦକ୍ଷିଣକାଳୀ ମନ୍ଦିରରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ ବିଭିନ୍ନ ବେଶଧାରୀ ସାମିଲ୍ ହୋଇଥିଲେ। ମାଟିମଣ୍ଡପ ସାହି ନିଶାଣ ଶୋଭଯାତ୍ରାକୁ ସ୍ୱାଗତ କରିବା ଲାଗି କାଳିକାଦେବୀ ସାହିରେ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ସେହିପରି ମାଟିମଣ୍ଡପ ସାହି ମଧ୍ୟ ସଜ୍ଜିତ ହୋଇଥିଲା।

# ନୀତି ନୈତିକତାର ଆଦର୍ଶ ଥିଲେ ପଣ୍ଡିତ ବାସୁଦେବ ମହାପାତ୍ର

ପୁରୀ,୨୮।୩(ସମିସ): ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସ୍ମାରକୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ୧୩୮ତମ ଜୟନ୍ତୀ ଉତ୍ସବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ଡ. ସମ୍ବିତ୍ ପାତ୍ର ଯୋଗଦେଇ କହିଲେ, ସତ୍ୟବାଦୀର ଉଜ୍ଜ୍ୱଳ ଜ୍ୟୋତିଷ୍କ ପ୍ରଚଣ୍ଡ ପ୍ରତିଭା, ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ରୁଦ୍ଧିମନ୍ତ କରିଥିଲେ। ସେଥିପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ଦୁଇଥର ସମ୍ମାନିତ କରିଥିଲା। ଏହି ଅବସରରେ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ୨ ଲକ୍ଷ ଟଙ୍କା ଦାନ କରିଥିଲେ ପଣ୍ଡିତ ମହାପାତ୍ରଙ୍କ ପୌତ୍ର ଡ. ବୀରେନ୍ଦ୍ର କୁମାର ମହାପାତ୍ର। ଏହି ଦାନ ଅର୍ଥର ଯେଉଁ ସୁଧ ମିଳିବ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟର କୃତୀ ପ୍ରଥମ ଛାତ୍ରଙ୍କୁ ପୁରସ୍କୃତ କରାଯିବ।

ସ୍ମୃତି ସ୍ମାରକୀର ସଭାପତି ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ଭୀମସେନ ମହାପାତ୍ର, ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଆୟୋଜନ ସମିତିର ଉପାଧ୍ୟକ୍ଷ ହରିହର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଭୀମସେନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧିବକ୍ତା ସର୍ବାଣୀ ଦାସ ଉତ୍ସବକୁ ସଂଯୋଜନା କରିଥିଲେ। ଏହି ଅବସରରେ ପଣ୍ଡିତ ବାସୁଦେବ ମହାପାତ୍ରଙ୍କ ଜୀବନଚର୍ଯ୍ୟା ସମ୍ପର୍କରେ ସତ୍ୟବାଦୀ ସୌରଭ, ଭୂତ ନାଟକ ଓ ସ୍ମାରକ ଗ୍ରନ୍ଥ ଆଦି ୩ଟି




ବାସୁଦେବ ମହାପାତ୍ରଙ୍କ ଜୀବନ ଦର୍ଶନ ସାମ୍ପ୍ରତିକ ଯୁବ ସମାଜ ପାଇଁ ବାସ୍ତବିକ ପ୍ରଣିଧାନଯୋଗ୍ୟ। ସେ ଥିଲେ ଯୁବପିଢ଼ି ପାଇଁ ନୀତି ନୈତିକତାର ଆଦର୍ଶର ପ୍ରତୀକ। ତାଙ୍କର କର୍ମମୟ ଜୀବନର ଅଧିକ ସମୟ ସତ୍ୟବାଦୀ ବନ ବିଦ୍ୟାଳୟରେ ବିତିଥିଲା। ସେ ୭୩ ଖଣ୍ଡ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟର ଶବ୍ଦ ଭଣ୍ଡାରକୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ହରିହର ହୋତା, ଉତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରବିନାରାୟଣ ଦାଶ, ବରିଷ୍ଠ ଶିକ୍ଷାବିତ୍ ରାଜକିଶୋର ସାହୁ, ଐତିହାସିକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ପ୍ରତିଭା ତ୍ରିପାଠୀ, ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ, ଐତିହାସିକ ଭୀମସେନ ମହାପାତ୍ର, ପ୍ରଫେସର ହରିହର ହୋତା, ସ୍ୱର୍ଗତ ପ୍ରଫେସର ସୁନୀଲ କୁମାର ରଥଙ୍କୁ ପଣ୍ଡିତ ବାସୁଦେବ ମହାପାତ୍ର ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ଏପ୍ରିଲ୍ ୧୦ରେ ସମୂହ ବ୍ରତୋପନୟନ



ପୁରୀ,୨୮।୩(ସମିସ): ଆସନ୍ତା ଏପ୍ରିଲ ୧୦ ତାରିଖରେ ମା' ଉଗ୍ରତାରା ଯୁବକ ସଂଘ ପଶ୍ଚିମଦ୍ୱାର ପକ୍ଷରୁ ସମୂହ ବ୍ରତୋପନୟନ ଶ୍ରୀମନ୍ଦିର ପଶ୍ଚିମଦ୍ୱାର ନିକଟରେ ଅନୁଷ୍ଠିତ ହେବ। ଶନିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠାନର ସଭାପତି ସୌମେନ୍ଦ୍ର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଥିଲେ ଯେ, ଗରିବ ବ୍ରାହ୍ମଣ ପିଲାମାନଙ୍କୁ ବିନା ଖର୍ଚ୍ଚରେ ବ୍ରତ କରାଯିବ। ବ୍ରାହ୍ମଣ ବାଳକ, ତାଙ୍କର ପିତାମାତା ଓ ମାମୁ-ମାଇଁଙ୍କ ପାଇଁ ରହିବା, ଖାଇବା ଓ ବ୍ରତ ସରଞ୍ଜାମ ଯୋଗାଇ ଦିଆଯିବ। ଶ୍ରୀମନ୍ଦିର ଚାରିପଟ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବ୍ରତଧାରୀ ବାଳକମାନେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ବ୍ରତଧାରୀମାନେ ଯେପରି ଖୁସିରେ ଘରକୁ ଫେରିବେ ସେଥିପାଇଁ ଅନୁଷ୍ଠାନ ଯତ୍ନବାନ ହେବ। ୧୦୦ ଜଣଙ୍କୁ ବ୍ରତ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହି ମହତ୍ କାର୍ଯ୍ୟରେ ଯୋଗଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ପ୍ରଶାନ୍ତ ମହାନ୍ତି, ନାରାୟଣ ପ୍ରତିହାରୀ, ରାଜକିଶୋର ମହାନ୍ତି, ଅଭିଜିତ୍ ପଣ୍ଡା, ବୃନ୍ଦାବନ ମହାନ୍ତି ଓ ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ନାମ ପଞ୍ଜୀକରଣ ପାଇଁ ଏପ୍ରିଲ୍ ୫ ତାରିଖ ସୁଦ୍ଧା ୯୯୩୭୩୧୪୦୫୦, ୯୩୩୭୬୦୮୨୯୨ ନମ୍ବରରେ ଯୋଗାଯୋଗ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

## ୧ରୁ ଜିଏମ୍ ଲ' କଲେଜର ଦୁଇଦିନିଆ ବାର୍ଷିକ ଉତ୍ସବ

ପୁରୀ,୨୮।୩(ସମିସ): ଆସନ୍ତା ଏପ୍ରିଲ ୧ ଓ ୨ ଦୁଇଦିନ ଧରି ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ ଏବଂ ପୁରାତନ ଛାତ୍ରଛାତ୍ରୀ ସଂଗଠନ ପକ୍ଷରୁ କଲେଜ ପରିସରରେ ବାର୍ଷିକ ଉତ୍ସବ ପାଳନ ହେବ। ଶୁକ୍ରବାର ମହାବିଦ୍ୟାଳୟ ସେମିନାର ହଲ୍‌ରେ ସାମ୍ବାଦିକ ସମ୍ମିଳନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶେଷଦେବ ମହାରଣା, ପୁରାତନ ଛାତ୍ରଛାତ୍ରୀ ସଂଗଠନର ସଭାପତି ଭକ୍ତ ଦାସ, ସମ୍ପାଦକ ଶକ୍ତି ନାୟକ, ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ, ଛାତ୍ର ସୌମ୍ୟ ଲେଙ୍କା, ଅଂଶୁମାନ ମିଶ୍ର, ରିଜୱାନ ମହମ୍ମଦ ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିମଳ ପ୍ରସାଦ ଦାସ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ପୁରୀ ଲୋକସଭା ଓ ରାଜ୍ୟସଭା ସାଂସଦ, ବିଧାୟକଙ୍କ ସହ ଅନ୍ୟମାନେ ଯୋଗଦେବେ। କଲେଜ ପ୍ରତି ଅବଦାନ ଥିବା ତିନିଜଣ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ ହେବା ସହ ଶ୍ରଦ୍ଧାଞ୍ଜଳି ସ୍ମାରକୀ ଉନ୍ମୋଚନ କରାଯିବ। କଲେଜର ପ୍ରତିଷ୍ଠାତା ସୁରେଶ ନାୟକ, ମହାବିଦ୍ୟାଳୟ ଯାହାଙ୍କ ନାମରେ ହୋଇଛି ପୂର୍ବତନ ଆଇନ ଓ ଶିକ୍ଷାମନ୍ତ୍ରୀ ଗଙ୍ଗାଧର ମହାପାତ୍ର ଏବଂ ପୂର୍ବତନ ବାଚସ୍ପତି ତଥା ପରିଚାଳନା କମିଟି ସଭାପତି ଥିବା ମହେଶ୍ୱର ମହାନ୍ତିଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯିବ।

## ପୁରୀ ଆର୍ଟିଷ୍ଟ ଆସୋସିଏସନର ବାର୍ଷିକ ଉତ୍ସବ: ନୃତ୍ୟ ସଙ୍ଗୀତରେ କମ୍ପିଲା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ

ପୁରୀ,୨୮।୩(ସମିସ): ପୁରୀ ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ଚାଲିଥିବା ବିଶ୍ୱ ନାଟ୍ୟ ଦିବସ ଏବଂ ସଂଘର ବାର୍ଷିକ ଉତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାର ବିଶେଷ ଆକର୍ଷଣ ସାଜିଥିଲା ଷ୍ଟାର୍ ଇଭିନିଂ କାର୍ଯ୍ୟକ୍ରମ। ନୃତ୍ୟ, ସଙ୍ଗୀତର ତାଳେ ତାଳେ କମ୍ପିଥିଲା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ। ତେବେ ପ୍ରାରମ୍ଭରେ ସଭା ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସେବାୟତ ଭଗବାନ ସୁଆର, ଚକ୍ରଧର ମହାପାତ୍ର, ଶ୍ରୀକଣ୍ଠ ମିଶ୍ର, ହରିହର ତ୍ରିପାଠୀ, ପ୍ରସନ୍ନ କୁମାର ମିଶ୍ର, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଦାଶ, ଅନୁଷ୍ଠାନର ସଭାପତି ଭରତ କୁମାର ନାୟକ, ସମ୍ପାଦକ



ରାମକୃଷ୍ଣ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ପ୍ରତାପ କୁମାର ସାହୁ ଯୋଗଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ନାଟକର ବିକାଶ ଓ ମଞ୍ଚ ନାଟକର ସଫଳତା ପାଇଁ ବିଭିନ୍ନ ପ୍ରସ୍ତାବ ମାନ ରଖି ଆର୍ଟିଷ୍ଟ ଆସୋସିଏସନର ସଫଳତା କାମନା କରିଥିଲେ। ଏହାପରେ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଭାପର୍ବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଅଭିନେତା ଭବାନୀ ପ୍ରସାଦ ମିଶ୍ର ଓ ମାମାଲି ମିଶ୍ର। ବରେଣ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଗଣେଶ ମହାପାତ୍ର, ମଧୁସୂଦନ ପୂଜାପଣ୍ଡା, ପ୍ରଦୀପ ପ୍ରଧାନ, ବିକାଶ ଦତ୍ତ, ସମୀର ଆଚାର୍ଯ୍ୟ, ବିଭୂତିଭୂଷଣ ମିଶ୍ର, କୃଷ୍ଣଚନ୍ଦ୍ର ମହାନ୍ତି, ନରସିଂହ ମହାପାତ୍ର, ଅଭ୍ୟୁଦୟ ଦାସ, ସବିତା ହରିଚନ୍ଦନ, ଭାରତୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ,୨୮।୩(ସମିସ): ଶୁକ୍ରବାର ପୁରୀ ସମୁଦ୍ରରେ ନିଖୋଜ ଯୁବକଙ୍କ ମୃତଦେହ ଶନିବାର ମିଳିଛି। ଖବର ପାଇବା ପରେ ପୁରୀ ହୋଟେଲ ସମ୍ମୁଖ ବେଳାଭୂମିରୁ ମୃତଦେହ ଜବତ କରିଥିଲା ସମୁଦ୍ରକୂଳ ଥାନା ପୁଲିସ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଯୁବକ ହେଉଛନ୍ତି ଯାଜପୁର ଅଞ୍ଚଳର ଶୁଭେନ୍ଦୁ ପ୍ରଧାନ। ସୂଚନାଥାଉ କି, ଶୁକ୍ରବାର ସକାଳେ ଶୁଭେନ୍ଦୁ ତାଙ୍କ ସାଙ୍ଗମାନଙ୍କ ସହିତ ପୁରୀ ବୁଲିବାକୁ ଆସିଥିଲେ। ସେମାନେ ପୁରୀ ହୋଟେଲ ସମ୍ମୁଖ ସମୁଦ୍ରରେ ସ୍ନାନ କରୁଥିଲେ। ଏହି ସମୟରେ ଶୁଭେନ୍ଦୁ ଉଚ୍ଚ ଜୁଆର ମାଡ଼ରେ ସମୁଦ୍ର ଭିତରକୁ ଚାଲିଯାଇଥିଲେ। ତାଙ୍କ ସାଙ୍ଗମାନେ ଉଦ୍ଧାର ପାଇଁ ଡାକ ପକାଇବା ସହ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ଏବଂ ଲାଇଫ୍‌ଗାର୍ଡମାନେ ମଧ୍ୟ ସେଠାରେ ପହଞ୍ଚିଥିଲେ। ଜେଟସ୍କି ସାହାଯ୍ୟରେ ଲାଇଫ୍‌ଗାର୍ଡ ସମୁଦ୍ରରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ।

## ପୁରୀ ଓକିଲ ସଂଘ ନିର୍ବାଚନ
# ପୁଣି ପ୍ରେମାନନ୍ଦ, ଶରତ ଯୋଡ଼ି

ପୁରୀ,୨୮।୩(ସମିସ): ଐତିହ୍ୟ ଓ ମର୍ଯ୍ୟାଦାପୂର୍ଣ୍ଣ ପୁରୀ ବାର୍ ଆସୋସିଏସନର ବାର୍ଷିକ ନିର୍ବାଚନ ଶନିବାର ଶେଷ ହୋଇଛି। ପୁଣି ପ୍ରେମାନନ୍ଦ ମହାନ୍ତି ଓ ଶରତ କୁମାର ରାୟଗୁରୁଙ୍କୁ ମିଳିଛି ବହୁମତ। ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଉଭୟେ ପୁରୀ ଓକିଲ ସଂଘର ସଭାପତି ଓ ସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ସଭାପତି, ଉପସଭାପତି ଓ



- ଲଗାତାର ଦ୍ୱିତୀୟ ଥର ପାଇଁ ସଭାପତି, ସାଧାରଣ ସମ୍ପାଦକ ନିର୍ବାଚିତ
- ପ୍ରଦୀପ ଦାସ ଉପସଭାପତି ଓ ୫ ଜଣ କାର୍ଯ୍ୟକାରୀ ସଭ୍ୟ ନିର୍ବାଚିତ

ସାଧାରଣ ସମ୍ପାଦକ ପଦବୀ ଲାଗି ଦ୍ୱିମୁଖୀ ଲଢ଼େଇ ହୋଇଥିଲା। ସଭାପତି ଭାବେ ପ୍ରେମାନନ୍ଦ (୬୫୭ ଭୋଟ୍) ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସାରଦା ପ୍ରସାଦ ସାମଲ (୫୨୭ ଭୋଟ୍)ଙ୍କୁ ୧୩୦ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ଲଗାତର ଦ୍ୱିତୀୟ ବର୍ଷ ପାଇଁ ବିଜୟୀ ହୋଇଛନ୍ତି। ସେହିପରି ସମ୍ପାଦକ ଶରତ (୬୫୭ ଭୋଟ୍) ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଭୂତି ଶଙ୍କର ତ୍ରିପାଠୀ (୫୩୮)ଙ୍କୁ ୧୧୯ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ଲଗାତର ଦ୍ୱିତୀୟ ବର୍ଷ ପାଇଁ ବିଜୟୀ ହୋଇଛନ୍ତି। ଉପସଭାପତି ପଦରେ ପ୍ରଦୀପ କୁମାର ଦାସ (୮୦୬ ଭୋଟ୍) ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଭୂଦତ୍ତ ପଟ୍ଟନାୟକ (୩୮୪)ଙ୍କୁ ୪୨୨ ଖଣ୍ଡ ଭୋଟ୍‌ରେ ହରାଇ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦରେ ୩ ଜଣ ଅସୀମ କୁମାର ବାନାର୍ଜୀ, ସୋମନାଥ ରଣା, ତପନ କୁମାର ବାରିକୀ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ସେହିପରି କାର୍ଯ୍ୟକାରୀ ସଭ୍ୟ ୫ଟି ପଦ ପାଇଁ ୮ଜଣ ନଗେନ୍ଦ୍ର ନାଥ ମିଶ୍ର, ତାପସ ରଞ୍ଜନ ବଳିଆରସିଂହ, ବିଜୟ କୁମାର ସାହୁ, ଦେବାଶିଷ ଦାଶ, କର୍ଣ୍ଣବୀର ମହାପାତ୍ର, ଶିବାନନ୍ଦ ପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତି ଓ ନମିତା ସାମଲ ନିର୍ବାଚନ ଲଢ଼ିଥିଲେ। ସେମାନଙ୍କ ମଧ୍ୟରେ ଦେବାଶିଷ ଦାଶ ୫୯୧ ଖଣ୍ଡ ଭୋଟ୍, ଶିବାନନ୍ଦ ପାତ୍ର ୫୮୩ ଖଣ୍ଡ ଭୋଟ୍, କର୍ଣ୍ଣବୀର ମହାପାତ୍ର ୫୬୫, ବିଜୟ କୁମାର ସାହୁ ୫୩୦ ଏବଂ ନମିତା ସାମଲ ୫୧୫ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି ବୋଲି ନିର୍ବାଚନ କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ରଥ ଘୋଷଣା କରିଛନ୍ତି।

## ଶ୍ରୀମନ୍ଦିରରେ ଭକ୍ତ ଅଣନିଃଶ୍ୱାସୀ

ପୁରୀ,୨୮।୩(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଜଣେ ମହିଳା ଭକ୍ତ ଅଣନିଃଶ୍ୱାସୀ ହୋଇ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସମ୍ପୃକ୍ତ ମହିଳା ଜଣକ ମୟୂରଭଞ୍ଜ ଜିଲ୍ଲା ଉଦଳା ଅଞ୍ଚଳର ରଞ୍ଜିତା ସେଠୀ (୨୬) ବୋଲି ଜଣାପଡ଼ିଛି। ମହିଳାଙ୍କ ସୂଚନା ଅନୁଯାୟୀ, ସେ ତାଙ୍କ ପରିବାର ଲୋକଙ୍କ ସହ ଶ୍ରୀବିଗ୍ରହଙ୍କ ଦର୍ଶନ କରିବାକୁ ପୁରୀ ଆସିଥିଲେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରୁଥିବା ସମୟରେ ତାଙ୍କର ମୁଣ୍ଡ ବୁଲାଇ ଦେଇଥିଲା। ଫଳରେ ତାଙ୍କୁ ସେଠାରୁ ବାହାରକୁ ଅଣାଯାଇଥିଲା। ମନ୍ଦିର ବାହାରକୁ ଆସିବା ପରେ ତାଙ୍କୁ ଅଣନିଃଶ୍ୱାସୀ ହୋଇପଡ଼ି ଅଚେତ୍ ହୋଇଯାଇଥିଲେ। ତାଙ୍କୁ ସେଠାରୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ଅନୁଭବ କରୁଥିବା କହିଛନ୍ତି। ତେବେ ଶନିବାର ଓ ରବିବାର ପ୍ରବଳ ଭକ୍ତ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଆସୁଛନ୍ତି। ଯାହାଫଳରେ ଶ୍ରୀମନ୍ଦିର ଭିତରେ ପ୍ରବଳ ଗହଳି ଓ ଗୁଳୁଗୁଳି କାରଣରୁ ଅନେକ ଭକ୍ତ ଅଣନିଃଶ୍ୱାସୀ ହୋଇ ଅଚେତ ହେବା ସହ ଅନେକ ସମୟରେ ଗହଳି ପାଇଁ ଅନେକ ଭକ୍ତ ଆହତ ହେଉଥିବା ନଜରକୁ ଆସୁଛି।

## ଖରାଦିନିଆ ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଘଟିବା ସମ୍ଭାବନା
# ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

ପୁରୀ,୨୮।୩(ସମିସ): ବଢ଼ିଲାଣି ଖରା। ଆଗକୁ ତାତି ଆହୁରି ବଢ଼ିବ। ଖରାଦିନେ ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ବଢ଼ିବା ସମ୍ଭାବନା ଅଧିକ ଥାଏ। ତେଣୁ ଏହାକୁ ନଜରରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ



ଶନିବାର ମାର୍କେଟ ଛକସ୍ଥିତ ପୌରପାଳିକା ମାର୍କେଟ କମ୍ପ୍ଲେକ୍ସରେ ଏକ ମକ୍‌ଡ୍ରିଲ୍ କରାଯାଇଛି। ନିକଟରେ କଟକ ବଡ଼ ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟିଥିଲା। ତେଣୁ ସୁରକ୍ଷା ଦୃଷ୍ଟିକୋଣରୁ ବିଭିନ୍ନ ଡାକ୍ତରଖାନା, ମାର୍କେଟ କମ୍ପ୍ଲେକ୍ସ, ବସ୍‌ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ହୋଟେଲଗୁଡ଼ିକରେ ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ମକ୍‌ଡ୍ରିଲ୍ କରାଯାଉଛି। ଏହି ପରିପ୍ରେକ୍ଷୀରେ ପୌରପାଳିକା ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିଶମ ବିଭାଗ ପକ୍ଷରୁ ଦୋକାନୀ, ସୁରକ୍ଷା କର୍ମୀ ଏବଂ ପୌର କର୍ମଚାରୀଙ୍କୁ ଏକାଠି କରି ମାର୍କେଟ କମ୍ପ୍ଲେକ୍ସରେ ନିଆଁ ଲାଗିଲେ ଆପାତକାଳୀନ ସ୍ଥିତିରେ କିଭଳି ନିଆଁକୁ ଆୟତ୍ତ କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ହଠାତ୍ ନିଆଁ ଲାଗିଲେ ସେଠାରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ରଗୁଡ଼ିକ ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ମାର୍କେଟ କମ୍ପ୍ଲେକ୍ସରେ ଥିବା ଲୋକମାନଙ୍କୁ କିପରି ଉଦ୍ଧାର କରିବେ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏବଂ ଅନ୍ୟ ଉପସ୍ଥିତ କର୍ମଚାରୀମାନେ ମଧ୍ୟ ବିଭିନ୍ନ ଯନ୍ତ୍ରକୁ ନିଜେ ବ୍ୟବହାର କରିବାର କୌଶଳକୁ ଅଭ୍ୟାସ କରିଥିଲେ। ଏହି ବହୁତଳ କୋଠାରେ ହଠାତ୍ ନିଆଁ ଲାଗିଲେ ବ୍ୟବସାୟୀ ଏବଂ ଗ୍ରାହକମାନଙ୍କୁ କିଭଳି ସୁରକ୍ଷିତଭାବେ ଉଦ୍ଧାର କରାଯାଇପାରିବ ସେନେଇ କର୍ମଚାରୀଙ୍କୁ ଉଦ୍ଧାର କରିବାର କୌଶଳ ସମ୍ପର୍କରେ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହକାରୀ ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟ ପ୍ରମୁଖ କର୍ମଚାରୀମାନେ ଭାଗ ନେଇଥିଲେ।

# ଜାତୀୟ ରାଜପଥରେ ମୃତ୍ୟୁର ହୋର୍ଡିଂ

ପୁରୀ,୨୮।୩(ସମିସ): ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ରହିଛି ମୃତ୍ୟୁର ହୋର୍ଡିଂ। ଏଥିପ୍ରତି ସାବଧାନ ନ ରହିଲେ କେତେବେଳେ ବି ଜୀବନ ଯାଇପାରେ। ଏହିଭଳି ହୋର୍ଡିଂ ପଥଚାରୀ ଓ ଯାନବାହନ ଚାଳକଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରୁଛି। ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଏମିତି ଅନେକ ହୋର୍ଡିଂ ରହିଛି। ଆଉ ଏହି ହୋର୍ଡିଂଗୁଡ଼ିକ ପ୍ରାୟତଃ ଦୁର୍ବଳ ଭାବେ ସ୍ଥାପିତ ହୋଇଥିବାରୁ ଅନେକ ସମୟରେ ଅଧିକ ପବନରେ ଖସିପଡ଼ି ଦୁର୍ଘଟଣା ଘଟାଇବାର ନଜିର୍ ରହିଛି। ଏହାସତ୍ତ୍ୱେ ଜାତୀୟ ରାଜପଥ ବିଭାଗର ଚେତା ପଶୁନାହିଁ। ଫଳରେ ବିଭିନ୍ନ ସମୟରେ ପଥଚାରୀ ଏହାର ଶିକାର ହେଉଛନ୍ତି। ଶୁକ୍ରବାର ରାତିରେ ପିପିଲି ଟୋଲ୍‌ଗେଟ୍ ନିକଟରେ ଏକ ହୋର୍ଡିଂ ଜଣେ ବାଇକ୍ ଚାଳକଙ୍କ ଉପରେ ପଡ଼ିଥିଲା। ସେ ଆହତ ହୋଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଜାତୀୟ ରାଜପଥ ବିଭାଗର ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲେ ହେଁ ତାହା ପହଞ୍ଚିପାରି ନ ଥିଲା। ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପଥଚାରୀ।

ଶୁକ୍ରବାର ରାତିରେ କାଳବୈଶାଖୀ ବର୍ଷା, ପବନ ହୋଇଥିଲା। ଏହି ସମୟରେ ପିପିଲି ଥାନା ପାଟସାହାଣୀପୁର ବାଲିସାହି ଗ୍ରାମର ଦୀପକ କୁମାର ପଣ୍ଡା ପିପିଲି ବଜାରରୁ ନିଜ ଘରକୁ ଫେରୁଥିଲେ। ପିପିଲି ଟୋଲ୍ ଗେଟ୍ ନିକଟରେ ଏକ

- ଅଳ୍ପକେ ବଞ୍ଚିଗଲା ଜୀବନ
- ପିପିଲି ଟୋଲ୍‌ଗେଟ୍ ନିକଟରେ ଏକାଧିକ ବିପଦସଂକୁଳ ହୋର୍ଡିଂ
- ଦୁର୍ଘଟଣା ଖବର ପାଇ ମଧ୍ୟ ଆସିଲାନି ଜାତୀୟ ରାଜପଥ ଆମ୍ବୁଲାନ୍ସ




ବଡ଼ ହୋର୍ଡିଂ ହଠାତ୍ କାଳବୈଶାଖୀ ବର୍ଷାରେ ଓଲଟି ପଡ଼ିଲା। ଦୀପକ ରାସ୍ତାରେ ଯାଉଥିବା ବେଳେ ହୋର୍ଡିଂ ତାଙ୍କ ବୁଲେଟ୍ ଉପରେ ଲଦି ହୋଇଗଲା। ଏହି ଦୁର୍ଘଟଣାରେ ଦୀପକ ଗୁରୁତର ଅବସ୍ଥାରେ ପଡ଼ି ରହିଥିବାବେଳେ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ବିଭାଗର ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଟୋଲ୍ ଗେଟ୍ ନିକଟରେ ଆମ୍ବୁଲାନ୍ସ ରହିଥିଲେ ସୁଦ୍ଧା ଡ୍ରାଇଭର ନ ଥିବା ଦର୍ଶାଇ ସେମାନେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଡାକ୍ତରଖାନା ନେଇ ନ ଥିଲେ। ଦୀପକଙ୍କ ସମ୍ପର୍କୀୟ ପହଞ୍ଚି ଏକ ସ୍କୁଟି ଯୋଗେ ପ୍ରଥମେ ପିପିଲି ଡାକ୍ତରଖାନା ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ତାଙ୍କ ବାମ ହାତ ଭାଙ୍ଗିଯାଇଛି। ହେଲ୍‌ମେଟ ଥିବାରୁ ଅଳ୍ପକେ ଜୀବନ ରକ୍ଷା ପାଇଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗର ଉଦାସିନତାକୁ ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବ୍ୟସ୍ତବହୁଳ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ କଡ଼ରେ ଅନେକ ବେଆଇନ ହୋର୍ଡିଂ ରହିଛି। ବିଶେଷକରି ପିପିଲି ଟୋଲ୍ ଗେଟ୍ ନିକଟରେ ଅନେକ ବିପଦସଙ୍କୁଳ ହୋର୍ଡିଂ ରହିଥିବାବେଳେ ଏହା କେବେ ହଟିବ ବୋଲି ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ।

## କୁରାଳ ପ୍ୟାକ୍ସରେ ଜାଲ୍ କାଗଜପତ୍ର ଦେଇ କୃଷିଋଣ ହଡ଼ପ

# ଗୋଟିଏ ପରିବାରର ୪ ଜଣଙ୍କୁ ୨ ଲକ୍ଷ ଋଣ

ନୟାଗଡ଼/ଓଡ଼ଗାଁ,୨୮ ।୩(ସମିସ)

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖା ଅନ୍ତର୍ଗତ କୁରାଳ ପ୍ରାଥମିକ କୃଷି ସମବାୟ ସମିତି ଲିଃ ତଥା କୁରାଳ ପ୍ୟାକ୍ସରୁ ଗୋଟିଏ ପରିବାରର ୪ ସଦସ୍ୟ ଜାଲ୍ କାଗଜପତ୍ର ଦେଇ କୃଷି ଋଣ ହାତେଇଥିବା ଅଭିଯୋଗ ହେଇଛି । ବିଗତ ଦିନରେ କୁରାଳ ପ୍ୟାକ୍ସରୁ ଜମା ଟଙ୍କା ହରିଲୁଟ୍ ଘଟଣାରେ ଆଜିପର୍ଯ୍ୟନ୍ତ ଜମାକାରୀ ସେମାନଙ୍କ ଟଙ୍କା ଫେରି ପାଉ ନ ଥିବା ବେଳେ ଏବେ କୃଷିଋଣ ଜାଲିଆତି ଖୋଦ୍ ଓଡ଼ଗାଁ ଶାଖା ପରିଚାଳକ ଓ ସୁପରଭାଇଜରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଅଭିଯୋଗ ହୋଇଛି । ଗୋଟିଏ ଜମିପଟ୍ଟା ଦେଖାଇ ଦୁଇଜଣ ବ୍ୟକ୍ତି କୃଷିଋଣ ନେଇଛନ୍ତି । କୁରାଳ ଗ୍ରାମର ବଦ୍ରିନାଥ ପାତ୍ରଙ୍କ ପତ୍ନୀ ଉଷାରାଣୀ ପାତ୍ର କୁରାଳ ମୌଜା ଖାତା ନଂ-୧୨୩୯/୭୯୧ ଏରିଆ ୧.୫୦ ଏକର ଜମି ପଟ୍ଟାକୁ ଦେଖାଇ ୫୦ ହଜାର ଟଙ୍କା ଋଣ ଉଠାଇଛନ୍ତି । ସମାନ ଜମିକୁ ଉଲ୍ଲେଖ କରି କୁରାଳ ଗ୍ରାମର ଭଗବାନ ପାତ୍ରଙ୍କ ପତ୍ନୀ ରତ୍ନମାଳା ପାତ୍ରଙ୍କୁ ୫୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି । ଉଷାରାଣୀ ଓ ରତ୍ନମାଳାଙ୍କୁ ଗତ ଜାନୁଆରୀ ୨୦ ତାରିଖ ଏହି ଋଣ ପ୍ରଦାନ କରାଯାଇଛି । ଉଷାରାଣୀଙ୍କ ସ୍ୱାମୀ ବଦ୍ରିନାଥ ପାତ୍ରଙ୍କୁ ୨୦୨୬ ମାର୍ଚ୍ଚ ୧୩ରେ ୫୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି । କୁରାଳ ମୌଜା ଖାତା ନଂ ୧୨୩୯/୭୩୬ ଜମିରେ ଏରିଆ ୩.୫୦ ଏକର ଦର୍ଶାଇ ଏହି ଋଣ ପ୍ରଦାନ କରାଯାଇଛି । ବାସ୍ତବରେ ଏହି ଖାତା ନଂ କିସମ ଘରବାରି ଏରିଆ ୧ ଡିସିମିଲି ଭୀମସେନ ପଣ୍ଡାଙ୍କ ନାମରେ ରେକର୍ଡ ଅଛି । ଜମି ରେକର୍ଡ ଖାତାରେ ଜାଲିଆତି କରାଯାଇଥିବା ସ୍ପଷ୍ଟ ପ୍ରମାଣ ମିଳିଛି । ସେହିଭଳି ବଦ୍ରିନାଥଙ୍କ ପିତା ଭଗବାନ ପାତ୍ରଙ୍କ ନାମରେ ୨୦୨୬ ମାର୍ଚ୍ଚ ୧୩ରେ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଜମି ଖାତାରେ କୁରାଳ ମୌଜା ଖାତା ନଂ-୫୩୯ ଏରିଆ ୨.୦୩ ଏକର ଦର୍ଶାଯାଇଛି । ବାସ୍ତବରେ ଏହି ଖାତାରେ କୌଣସି ପ୍ଲଟ ଉପଲବ୍ଧ ନ ଥିବା ଜଣାପଡ଼ିଛି ।

ଭଗବାନ ପାତ୍ର, ତାଙ୍କ ପତ୍ନୀ, ପୁଅ ଓ ବୋହୂଙ୍କ ନାମରେ ଜାନୁଆରୀ ଓ ମାର୍ଚ୍ଚ ମାସରେ ୨ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିବା ବେଳେ ସମ୍ପୂର୍ଣ୍ଣ ଭାବେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି । କୁରାଳ ପ୍ୟାକ୍ସ ସମ୍ପାଦକ ଦାୟିତ୍ୱରେ ବ୍ୟାଙ୍କ ସୁପରଭାଇଜର ବିଦ୍ୟାଧର ମହାନ୍ତି ଥିବା ବେଳେ କିଭଳି ଏହି ଋଣ ମଞ୍ଜୁର କରାଗଲା ବୋଲି ପ୍ରଶ୍ନ ଉଠିଛି । କୁରାଳ ପ୍ୟାକ୍ସରେ ନିକଟରେ କୌଣସି ଚାଷୀଙ୍କ ଲିମିଟ ପାସ କରାଯାଇ ନ ଥିବା ବେଳେ କେଉଁ ଭଳି ବ୍ୟାଙ୍କ ଶାଖା ପରିଚାଳକ ଜଗନ୍ନାଥ ସାହୁ ଏହି ଋଣ ମଞ୍ଜୁର କଲେ ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୋଟିଏ ପରିବାରକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ହୋଇଥିବା ଋଣ ଜାଲିଆତି ଘଟଣା ଜଣାପଡ଼ିବା ପରେ କୁରାଳ ପ୍ୟାକ୍ସ ସଭାପତି କାହ୍ନୁଚରଣ ପଣ୍ଡା ଆଶ୍ଚର୍ଯ୍ୟ ହେବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି । ବ୍ୟାଙ୍କ କର୍ମଚାରୀଙ୍କ ପାଇଁ କୁରାଳ ପ୍ୟାକ୍ସ ଆଜି ଦେବାଳିଆ ସ୍ଥିତିରେ ଥିବା ବେଳେ କୌଣସି ଚାଷୀଙ୍କ ଋଣ ନୂଆ ପୁରୁଣା ହୋଇପାରୁନାହିଁ । ଅଥଚ ପରିଚାଳନା ପରିଷଦ ଏବଂ ସଭାପତିଙ୍କୁ ଅନ୍ଧାରରେ ରଖି ବ୍ୟାଙ୍କ କର୍ମଚାରୀ ଜାଲିଆତି କରି ସାଂଘାତିକ କାରବାର କରିଥିବା ଅଭିଯୋଗ ହୋଇଛି । ସମବାୟ ନୀତିନିୟମକୁ ଖୋଲା ଉଲ୍ଲଂଘନ କରି କୁରାଳ ପ୍ୟାକ୍ସକୁ ବିଭିନ୍ନ ସମୟରେ ଅନ୍ଧକାର ମଧ୍ୟକୁ ଠେଲି ଦିଆଯିବା ପଛରେ ବ୍ୟାଙ୍କ କର୍ମଚାରୀଙ୍କ ମୁଖ୍ୟ ଭୂମିକା ରହିଥିବା ବେଳେ ସାଧାରଣ ଚାଷୀ ଓ ଜମାକାରୀ ହତାଶ ହେଉଛନ୍ତି । ବିଗତ ଦିନରେ ଏହି ପ୍ୟାକ୍ସରୁ ଜମାକାରୀଙ୍କ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଥିବା ବେଳେ ଆଜିପର୍ଯ୍ୟନ୍ତ ଜମାକାରୀମାନେ ଟଙ୍କା ଫେରି ପାଇପାରୁନାହାନ୍ତି । ବିଗତ ଦିନରେ ଅନେକ ଆନ୍ଦୋଳନ ହୋଇଥିବା ବେଳେ ନିର୍ବାଚନ ପୂର୍ବରୁ କିଛି ଜମାକାରୀଙ୍କୁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଟଙ୍କା ଫେରସ୍ତ କରିଥିଲା । ନିର୍ବାଚନ ସରିବା ପରେ ଜମାକାରୀଙ୍କୁ ଆଉ ଟଙ୍କା ଫେରସ୍ତ ମିଳୁନାହିଁ ।

## ପ୍ରମୁଖ ଶାସନ ସଚିବଙ୍କ ନୟାଗଡ଼ ଗସ୍ତ ଓ ସମୀକ୍ଷା



ନୟାଗଡ଼,୨୮ ।୩(ସମିସ): ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଅବକାରୀ ବିଭାଗ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଆଜି ନୟାଗଡ଼ ଗସ୍ତରେ ଆସି ବିଭିନ୍ନ ସ୍ଥାନ ବୁଲିବା ସହ ସମୀକ୍ଷା କରିଛନ୍ତି । ସଚିବଙ୍କ ସହିତ ଜିଲ୍ଲାପାଳ ମଧୁମିତା ରଥ ଟାଙ୍ଗିଆପଲ୍ଲୀ ଆଶ୍ରମ ବିଦ୍ୟାଳୟ, ଆହାର କେନ୍ଦ୍ର, ଜୋତା ନିର୍ମାଣ ୟୁନିଟ୍, ବହୁ ଉଦ୍ଦେଶ୍ୟ ଭବନ, ଦଶପଲ୍ଲା ଏନଏସି ଅଞ୍ଚଳର ହରିଡ଼ାବାଡ଼ି ଅଙ୍ଗନବାଡ଼ି କେନ୍ଦ୍ର ଓ ଟାକେରା ପାୱାର ସବ୍‌ଷ୍ଟେସନ୍ ପରିଦର୍ଶନ କରି ସମୀକ୍ଷା କରିଥିଲେ । ଏଡିଏମ୍ ବିଜୟାନନ୍ଦ ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲପାଳଙ୍କ ସମେତ ସମସ୍ତ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳିମା ଲାକ୍ରା ଯୋଗଦେଇଥିଲେ । ପ୍ରମୁଖ ଶାସନ ସଚିବ ବିଭିନ୍ନ ବିଭାଗର ଅଧିକାରୀଙ୍କ କାର୍ଯ୍ୟ ସମୀକ୍ଷା କରିଥିଲେ । ପ୍ରଥମେ ସ୍ୱାସ୍ଥ୍ୟ ବିଭାଗର ସ୍ୱାସ୍ଥ୍ୟ କାର୍ଡ ଏବଂ ହିତାଧିକାରୀଙ୍କ କଥା ପଚାରି ବୁଝିଥିଲେ । ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ-୧ ଏବଂ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ-୨ଙ୍କୁ ରାସ୍ତାର ସମ୍ପ୍ରସାରଣ ବିଷୟରେ, ଛାମୁଣ୍ଡିଆ ରାସ୍ତା ବିଷୟରେ ପଚାରି ବୁଝିଥିଲେ । ସନ୍ଧ୍ୟା ସୁଦ୍ଧା ରିପୋର୍ଟ ମାଗିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସିଏମ୍ ସାଇକଲ, ମଧ୍ୟାହ୍ନ ଭୋଜନ, ଡ୍ରପଆଉଟ୍ ପିଲାଙ୍କ କଥା ପଚାରି ବୁଝିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଭିନ୍ନ ବିଷୟରେ ତାଗିଦ୍ କରିଥିଲେ । ବିଦ୍ୟୁତ୍ ବିଭାଗ, ଯୋଗାଣ ବିଭାଗ, କୃଷି ଓ ମତ୍ସ୍ୟ ଚାଷ ଉପରେ ସମୀକ୍ଷା କରିଥିଲେ ।

ଲଙ୍କାପୋଡ଼ି ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

## ଶିବଧନୁ ଭଙ୍ଗ ଓ ପର୍ଶୁରାମ ଭେଟ ମଞ୍ଚସ୍ଥ



ଗଣିଆ,୨୮ ।୩(ସମିସ): ଗଣିଆ ରଘୁନାଥଜୀଉ ମନ୍ଦିର ପରିସରରେ ଚାଲିଥିବା ଲଙ୍କାପୋଡ଼ି ଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ଶିବଧନୁ ଭଙ୍ଗ, ସୀତା ବିବାହ ଓ ପର୍ଶୁରାମ ଭେଟ ମଞ୍ଚସ୍ଥ ହୋଇଛି । ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ମନରେ ଭାବାବେଗ ସୃଷ୍ଟି କରିଥିଲା । ସୀତାଙ୍କୁ ବିବାହ କରିବାକୁ ସ୍ୱୟଂବର ସଭାକୁ ଆସିଥିବା ବିଭିନ୍ନ ଦେଶର ରାଜାମାନେ ଶିବଧନୁ ଭାଙ୍ଗିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ଶିବଧନୁ ଭଙ୍ଗ କରିବା ପରେ ମାତା ସୀତା ତାଙ୍କୁ ବରଣମାଳା ପିନ୍ଧାଇଥିଲେ । ରାଜା ଦଶରଥ ଖବର ପାଇ ସେଠାରେ ପହଞ୍ଚି ରାମ, ଲକ୍ଷ୍ମଣ, ଭରତ ଏବଂ ଶତ୍ରୁଘ୍ନ ଚାରି ପୁତ୍ରଙ୍କ ବିବାହ କରିଥିଲେ । ବିବାହ ସମ୍ପନ୍ନ କରି ରାଜା ଦଶରଥ ବୀରବାଦ୍ୟ ଦେଇ ପୁତ୍ର ଏବଂ ପୁତ୍ରବଧୂମାନଙ୍କୁ ନେଇ ଯାଉଥିବା ବେଳେ ମହାପ୍ରତାପୀ ପର୍ଶୁରାମ ସେମାନଙ୍କ ବାଟ ଓଗାଳିଥିଲେ । ପର୍ଶୁରାମ ରାଜା ଦଶରଥଙ୍କୁ ତାଚ୍ଛଲ୍ୟ କରିବା ସହ ରାମଚନ୍ଦ୍ରଙ୍କୁ ନିଜ ଧନୁରେ ଗୁଣ ଦେବାକୁ ଆହ୍ୱାନ କରିଥିଲେ । ରାମଚନ୍ଦ୍ର ପର୍ଶୁରାମଙ୍କ ଧନୁରେ ଗୁଣ ଦେବା ପରେ ପର୍ଶୁରାମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପାଦତଳେ ପଡ଼ି ଶରଣ ପଶିବା ସହ ସେ ସ୍ଥାନ ଛାଡ଼ି ଚାଲିଯିବା ଦୃଶ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । ନାଟ୍ୟ ଗୁରୁ ଦିତୀକୃଷ୍ଣ ସାହୁ ଏବଂ ସାନୁଜ ରାମ ମିଶ୍ରଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ କଳାକାର ଜୀବନ୍ତ ଅଭିନୟ କରିଥିଲେ । ରବିବାର ତୃତୀୟ ସନ୍ଧ୍ୟାରେ ଶ୍ରୀରାମ ବନବାସ ନାଟକ ମଞ୍ଚସ୍ଥ ହେବ ।

■ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

## ଯାଗରକ୍ଷା, ତାଡ଼କା ବଧ ଓ ଶିବଧନୁ ଭଙ୍ଗ



ଦଶପଲ୍ଲା,୨୮ ।୩(ସମିସ): ଶ୍ରୀରଘୁନନ୍ଥଥ ଜୀଉଙ୍କ ମନ୍ଦିର ସଂଲଗ୍ନ ମୁଖ୍ୟ ନାଟ୍ୟ ମଣ୍ଡପରେ ଲଙ୍କାପୋଡ଼ି ଯାତ୍ରାର ୨ୟ ସନ୍ଧ୍ୟାରେ ଶ୍ରୀ ରାମଲୀଳାଭିନୟ ଦର୍ଶକଙ୍କୁ ବିଭୋର କରିଛି । ଦ୍ୱିତୀୟ ସନ୍ଧ୍ୟାରେ ଯାଗରକ୍ଷା, ତାଡ଼କା ବଧ ଓ ଶିବଧନୁ ଭଙ୍ଗ ଅନୁଷ୍ଠିତ ହୋଇଛି । ଋଷି ବିଶ୍ୱାମିତ୍ର ଓ ଅନ୍ୟ ମୁନିଋଷିଙ୍କ ଯାଗ ଯଜ୍ଞ ଓ ଜପତପକୁ ଦୁଷ୍ଟ ଦୈତ୍ୟଗଣ ଧ୍ୱସ୍ତବିଧ୍ୱସ୍ତ କରିବା ସମୟରେ ଶ୍ରୀରାମ, ଲକ୍ଷ୍ମଣ ଆସି ଦୁଷ୍ଟା ଅସୁରୁଣୀ ତାଡ଼କାକୁ ବଧ କରିବା ଦୃଶ୍ୟ ଦର୍ଶକଙ୍କୁ ବିଭୋର କରିଛି । ଏହି ଲୀଳାଭିନୟ ଦେଖିବାକୁ ବହୁ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଦଶପଲ୍ଲାରେ ୨୨୪ତମ ଲଙ୍କାପୋଡ଼ି ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ପରମ୍ପରାକୁ ବଞ୍ଚାଇ ରଖିବାକୁ ଦଶପଲ୍ଲାବାସୀଙ୍କ ଉଦ୍ୟମ ଜିଲ୍ଲାବାସୀଙ୍କୁ ବିମୋହିତ କରିଛି ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଖଣ୍ଡପଡ଼ା,୨୮ ।୩(ସମିସ): ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି । ଅନୁଷ୍ଠାନର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଲାଷ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ନୋତର ଓଏଭି ଅଧ୍ୟକ୍ଷ ତ୍ରିଲୋଚନ ଷଡ଼ଙ୍ଗୀ, ଏସଡିପିଓ ମଦନ ମୋହନ ପ୍ରଧାନ, ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ଏବିଓ କୈଳାସ ଚନ୍ଦ୍ର ନାଏକ, ରଣପୁର ଓଏଭିର ବିଶ୍ୱରଞ୍ଜନ ବଳ ପ୍ରମୁଖ ଯୋଗଦେଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଅନୁଷ୍ଠାନ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ମନୋଜ କୁମାର ବିଶ୍ୱାଳ ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ସୁଲଗ୍ନା ପ୍ରିୟଦର୍ଶିନୀ ରଥ ଓ ଆୟନା ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମଧୁସ୍ମିତା ବସନ୍ତିଆ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଓକିଲ ସଂଘ ନିର୍ବାଚନ

## ରଣଜିତ ସଭାପତି, ସ୍ୱଦେଶ ସମ୍ପାଦକ

ନୟାଗଡ଼,୨୮ ।୩(ସମିସ): ନୟାଗଡ଼ ଓକିଲସଂଘ ନିର୍ବାଚନରେ ସଭାପତି ଭାବେ ଆଇନଜୀବୀ ରଣଜିତ ଦାଶ ଓ ସମ୍ପାଦକ ଭାବେ ଆଇନଜୀବୀ





ସ୍ୱଦେଶ ମିଶ୍ର ବାଜିମାତ କରିଛନ୍ତି । ରଣଜିତ ୧୭୯ ଭୋଟ ପାଇଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ କାଳୁଚରଣ ସ୍ୱାଇଁ ୭୨ ଭୋଟ ପାଇଛନ୍ତି । ଉପସଭାପତି ପ୍ରସନ୍ନ କୁମାର ପଢ଼ିଆରୀ ୧୫୦ ଭୋଟ ପାଇଥିବା ବେଳ ସନ୍ତୋଷ କୁମାର ରାଉତରାୟ ୫୯ ଓ ନୀଳମାଧବ ମିଶ୍ର ୪୨ ଭୋଟ ପାଇଛନ୍ତି । ସମ୍ପାଦକ ସ୍ୱଦେଶ ମିଶ୍ର ୧୮୧ ଭୋଟ ପାଇଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଆଶୁତୋଷ ସାମନ୍ତରାୟ ୭୧ ଭୋଟ ପାଇଛନ୍ତି । ଯୁଗ୍ମସମ୍ପାଦକ ନିରଞ୍ଜନ ମିଶ୍ର ୧୬୬ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ନରସିଂହ ବରାଡ଼ ୮୮ ଭୋଟ ପାଇଛନ୍ତି । କୋଷାଧ୍ୟକ୍ଷ ବିଭୁଦତ୍ତ ସାହୁ ୧୬୧ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରଣବ କୁମାର ବିଶୋଇ ୯୩ ଭୋଟ ପାଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ନିରାକାର ମହଲ ସର୍ବାଧିକ ୨୦୩ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ମମତା ନାୟକ, ଚିତ୍ତରଞ୍ଜନ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ଶୈଳେନ୍ଦ୍ର କୁମାର ପଟ୍ଟନାୟକ ଓ ସୁନୀଲ କୁମାର ମହାପାତ୍ର ବିଜୟୀ ହୋଇଛନ୍ତି ।

## ସୁଶାନ୍ତ ସଭାପତି, ଚିରଞ୍ଜୀବ ସମ୍ପାଦକ





ଓଡ଼ଗାଁ,୨୮ ।୩(ସମିସ): ଓଡ଼ଗାଁ ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି । ନିର୍ବାଚନ ଅଧିକାରୀ ସରକାରୀ ଓକିଲ ବଟକୃଷ୍ଣ ରଥଙ୍କ ସୂଚନା ଅନୁସାରେ ସଭାପତି, ସମ୍ପାଦକ ଏବଂ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି । ସଭାପତି ଭାବେ ସୁଶାନ୍ତ କୁମାର ମିଶ୍ର, ସମ୍ପାଦକ ଭାବେ ଚିରଞ୍ଜୀବ ଦାଶ, ଉପସଭାପତି ଭାବେ ବିମଳେନ୍ଦୁ କୁମାର ନନ୍ଦ, ସହ ସମ୍ପାଦକ ପ୍ରଦୀପ କୁମାର ବିଶୋଇ, ପାଠାଗାର ସମ୍ପାଦକ ବିଜୟ କୁମାର ରଥ, କୋଷାଧ୍ୟକ୍ଷ ଭାବେ ପୂର୍ଣ୍ଣଚନ୍ଦ୍ର ଦୋରା ନିର୍ବାଚିତ ହୋଇଛନ୍ତି । ସେହିପରି ପ୍ରଭାତ କୁମାର ପୃଷ୍ଟି, ସଂଗ୍ରାମ କେଶରୀ ପତି, ନାରାୟଣ ନାୟକ, ଦିବ୍ୟଜୀବନ ପାଣିଗ୍ରାହୀ ଏବଂ ବିବେକାନନ୍ଦ ସରସ୍ୱତୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ କାର୍ଯ୍ୟକାରୀ ସଦସ୍ୟ ନିର୍ବାଚିତ ହୋଇଛନ୍ତି ।

## ସଂଗ୍ରାମ ସଭାପତି, ବିକ୍ରମ ସମ୍ପାଦକ





ଖଣ୍ଡପଡ଼ା,୨୮ ।୩(ସମିସ): ଖଣ୍ଡପଡ଼ା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି । ସଭାପତି ଭାବେ ପୁଣିଥରେ ଆଇନଜୀବୀ ସଂଗ୍ରାମ କେଶରୀ ମିଶ୍ର, ସମ୍ପାଦକ ଭାବେ ଆଇନଜୀବୀ ବିକ୍ରମ କେଶରୀ ଦେଓ ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ଗିରିଜା ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ଭାବେ ଆଇନଜୀବୀ ମନୋଜ ମିଶ୍ର ଏବଂ ଯୁଗ୍ମ ସମ୍ପାଦକ ଭାବେ ଧନେଶ୍ୱର ମହାନ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସିଦ୍ଧାର୍ଥ ଶଙ୍କର ରାୟ ଓ ଯୁଧିଷ୍ଠିର ସାହୁ କାର୍ଯ୍ୟକାରିଣୀ ସଭ୍ୟ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ବାବୁଲି ଚରଣ ସାହୁ ସୂଚନା ଦେଇଛନ୍ତି ।

● ଶ୍ରୀରାମ ନବମୀ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

## ତାଡ଼କା ବଧ ବେଶରେ ଦର୍ଶନ କଲେ ଶ୍ରଦ୍ଧାଳୁ

ଓଡ଼ଗାଁ,୨୮ ।୩(ସମିସ): ଓଡ଼ଗାଁ ଶ୍ରୀ ରଘୁନାଥଜୀଉଙ୍କ ନବଦିନାତ୍ମକ ଶ୍ରୀରାମ ନବମୀ ଯାତ୍ରାର ଦ୍ୱିତୀୟ ସନ୍ଧ୍ୟାରେ ଶନିବାର ଋଷିମୁନିଙ୍କ ଯାଗରକ୍ଷା ନିମିତ୍ତ ବିଶ୍ୱାମିତ୍ର ଋଷିଙ୍କ



ସଙ୍ଗରେ ବନାଗମନ କାଳରେ ନବଦୂର୍ବାଦଳ ଶ୍ୟାମଳ କୋମଳ ବନବାସୀ ପ୍ରଭୁ ଶ୍ରୀରାମଙ୍କ ତାଡ଼କାବଧ ବେଶ ଦର୍ଶନ କରିବାର ସୌଭାଗ୍ୟ ଲଭିଥିଲେ ଶ୍ରଦ୍ଧାଳୁ । ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଶ୍ରୀଜିଉଙ୍କୁ ଭୋର ସମୟରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଏବଂ ସନ୍ଧ୍ୟାରେ ସନ୍ଧ୍ୟା ବେଶ ଦର୍ଶନ ଲାଭ କରୁଥିବା ବେଳେ ସ୍ଥାନୀୟ ଲୋକେ ବହୁ ସଂଖ୍ୟାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶନ କରୁଥିବା ଦେଖାଯାଇଥିଲା । ଶ୍ରୀଜୀଉଙ୍କ ଦୈନିକ ସନ୍ଧ୍ୟାବେଶ ନିମନ୍ତେ ପୂଜକ ଓ ସେବକ ପରିଷଦର ସଦସ୍ୟ, ମନ୍ଦିର ପରିଛା ହରିବନ୍ଧୁ ଷଡ଼ଙ୍ଗୀ, ପାଳିଆ ପଣ୍ଡାଙ୍କ ସହ ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ଓ ଆଇଆଇସି ଅଭୟ ବେହେରାଙ୍କ ତତ୍ତ୍ୱାବଧାନରେ ପୁଲିସ ପ୍ରଶାସନ ଓ ଶାନ୍ତି କମିଟି ସହଯୋଗରେ ସମସ୍ତ ନୀତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି ।

## ଶିଶୁବାଟିକା ପାଇଁ ଘରେ ଘରେ ନିମନ୍ତ୍ରଣ



ରଣପୁର,୨୮ ।୩(ସମିସ): ୨୦୨୬-୨୭ ଶିକ୍ଷାବର୍ଷରେ ଶିଶୁବାଟିକାରେ ନାମ ଲେଖାଇବା ପାଇଁ ରଣପୁର ବ୍ଲକରେ ଶିକ୍ଷା ବିଭାଗ ପକ୍ଷରୁ ଜୋରଦାର ପ୍ରଚାର ଆରମ୍ଭ ହୋଇଛି । ସରକାରୀ ବିଦ୍ୟାଳୟରେ ଅଧିକରୁ ଅଧିକ ଶିଶୁଙ୍କୁ ଭର୍ତ୍ତି କରାଇବା ପାଇଁ ବିଶେଷ ଅଭିଯାନ ଚାଲିଛି । ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସୁର୍କାବାଡ଼ି ଗ୍ରାମରେ ଘରେ ଘରେ ପହଞ୍ଚି ଅଭିଭାବକଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ କରାଯାଇଛି । ସୁର୍କାବାଡ଼ି ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ନନ୍ଦଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଶିଶୁମାନଙ୍କୁ ଚକୋଲେଟ, ଫୁଲ ଓ ମିଠା ଦେଇ ସ୍ନେହଭରା ନିମନ୍ତ୍ରଣ ଜଣାଇଥିଲେ । ଅନେକ ଅଭିଭାବକ ତାଙ୍କ ଶିଶୁମାନଙ୍କୁ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ଭର୍ତ୍ତି କରାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପ୍ରଭାତ କୁମାର ପଣ୍ଡା, ସନ୍ତୋଷ କୁମାର ନାୟକ, ଭାସ୍କର ଆଲୋକ ମହାପାତ୍ର ଉପସ୍ଥିତ ରହି ଅଭିଭାବକଙ୍କୁ ସଚେତନ କରିଥିଲେ ।

## ନାଟ୍ୟ ପରମ୍ପରାରେ ନୟାଗଡ଼ ଅବଦାନ ଅତୁଳନୀୟ

ନୟାଗଡ଼,୨୮ ।୩(ସମିସ): ଓଡ଼ିଶା ନାଟ୍ୟ ସଂଘ ନୟାଗଡ଼ ଜିଲ୍ଲା ଶାଖା ତରଫରୁ ନୟାଗଡ଼ର ସମସ୍ତ ନାଟ୍ୟ ଅନୁଷ୍ଠାନ, ନାଟ୍ୟକର୍ମୀ ଓ ନାଟ୍ୟପ୍ରେମୀଙ୍କୁ ନେଇ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଛି । ଜିଲ୍ଲା ସଂଯୋଜକ କାମାକ୍ଷା ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାଟ୍ୟ ନିର୍ଦ୍ଦେଶକ ଗଦାଧର ନନ୍ଦ, ନାଟ୍ୟକାର ବିଶ୍ୱନାଥ ମହାପାତ୍ର, କଣ୍ଠଶିଳ୍ପୀ ସୁର ଗନ୍ଧର୍ବ ନବକିଶୋର ମିଶ୍ର, ନାଟ୍ୟ ସମୀକ୍ଷକ ସୁଶାନ୍ତ କୁମାର ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଆଚାର୍ଯ୍ୟ ବକ୍ତାଭାବେ ଯୋଗଦେଇ ଓଡ଼ିଆ ନାଟକକୁ ନୟାଗଡ଼ର ଅବଦାନ ଉପରେ ଆଲୋକପାତ କରିଥିଲେ । ନାଟ୍ୟ ସାହିତ୍ୟ ହେଉ ଅବା ଅଭିନୟ ପ୍ରତ୍ୟେକ କ୍ଷେତ୍ରରେ ନୟାଗଡ଼ ନିଜ ସ୍ୱତନ୍ତ୍ରତା ବଜାୟ ରଖିପାରିଛି । ନାଟକ ପାଇଁ ଅତ୍ୟନ୍ତ ଆବଶ୍ୟକ ଚିତ୍ରାଳୟର ପ୍ରମୁଖ ସ୍ଥାନ ହେଉଛି ଇଟାମାଟି । ଆଜି ମଧ୍ୟ ଓଡ଼ିଶାର ବିଭିନ୍ନ ସ୍ଥାନକୁ ନାଟକ ପାଇଁ ଆବଶ୍ୟକ ଉପକରଣ ଇଟାମାଟିରୁ ପଠାଯାଉଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଜ୍ଞାନପ୍ରକାଶ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନୟାଗଡ଼ର ନିର୍ଦ୍ଦେଶକ ଡ. ଆଶୁତୋଷ ମିଶ୍ର, ଅଭିନେତା ରଞ୍ଜନରଶ୍ମି ଜେନା, ରାମକୃଷ୍ଣ ନାୟକ, ଗତିକୃଷ୍ଣ ପ୍ରଧାନ ପ୍ରମୁଖ ନାଟକକୁ ନେଇ ନିଜ ଅନୁଭୂତି ପ୍ରକାଶ କରିଥିଲେ । ଖ୍ୟାତନାମା ନାଟ୍ୟ ନିର୍ଦ୍ଦେଶକ ପବିତ୍ର କୁମାର ମହାନ୍ତି ନାଟକ ସାଧାରଣ ଜୀବନକୁ କେମିତି ପ୍ରଭାବିତ କରେ ସେ ବିଷୟରେ ପରାମର୍ଶ ଦେଇଥିଲେ । ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଅଭିଲିପ୍ସା ସାହୁ ଓ ଛାତ୍ର ଦୀପଙ୍କର ଦାଶ ଯଥାକ୍ରମେ ଏକକ ଅଭିନୟ ତଥା ମୂକାଭିନୟ ପରିବେଷଣ କରିଥିଲେ । ପ୍ରଶାନ୍ତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲକ୍ଷ୍ମଣ କୁମାର ମହାପାତ୍ର ସ୍ମାରକୀ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଆଜି

ଭାପୁର, ୨୮।୩ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଚକ୍ରଧର ପ୍ରସାଦ ଗ୍ରାମସ୍ଥିତ କଲ୍ୟାଣମଣ୍ଡପଠାରେ ରବିବାର (ଆସନ୍ତାକାଲି) ଶିକ୍ଷକ ଲକ୍ଷ୍ମଣ କୁମାର ମହାପାତ୍ର ସ୍ମାରକୀ ଜିଲ୍ଲାସ୍ତରୀୟ କ୍ୟାରମ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଏଥିରେ ବାଇଗୁଣିଆ, ଖଣ୍ଡପଡ଼ା, ବାଉଁଶଗଡ଼ିଆ, ଇଟାମାଟି, ନୟାଗଡ଼, ଚକ୍ରଧରପ୍ରସାଦ ଆଦି ଅଞ୍ଚଳରୁ ୧୬ଟି ଟିମ୍ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ସତ୍ୟାନୁ ରଞ୍ଜନ ମହାପାତ୍ର ଓ ପ୍ରଫୁଲ୍ଲ ପ୍ରଧାନ ସୂଚନା ଦେଇଛନ୍ତି ।

# ଦ୍ୱିତୀୟ ଅଯୋଧ୍ୟାରେ ସଂକୀର୍ତ୍ତନ ଲୋକକଳା ସମ୍ମିଳନୀ

ଭାପୁର,୨୮ ।୩(ସମିସ)



ଦ୍ୱିତୀୟ ଅଯୋଧ୍ୟା ଫତେଗଡ଼ ଶ୍ରୀରାମ ମନ୍ଦିର ପରିସରରେ ଶନିବାର ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦ ତରଫରୁ ସଂକୀର୍ତ୍ତନ ଲୋକକଳା ସମ୍ମିଳନୀ ଅନୁଷ୍ଠିତ ହୋଇଛି ।

ଏଥିରେ ନୟାଗଡ଼, ଗଞ୍ଜାମ, ପୁରୀ ଓ କଟକ ଜିଲ୍ଲାର ୪୦ ମଣ୍ଡଳର ଏକ ହଜାର ପୁରୁଷ ମହିଳା ଯୋଗଦେଇଥିଲେ । ଶ୍ରୀରାମ ମନ୍ଦିର ପରିଷଦ ପରିଚାଳନା କମିଟି ତରଫରୁ ଲୋକକଳା ଓ ଲୋକ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଦିନତମାମ ରାମ ନାମ ସଂକୀର୍ତ୍ତନ କରାଯାଇଥିଲା । ଶ୍ରୀଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦ ରାଜ୍ୟ ସଭାପତି ବୀରବର ସାହୁ, କାର୍ଯ୍ୟକାରୀ ସଭାପତି ରାଜକିଶୋର ବେହେରା, ସମ୍ପାଦକ ବିପିନ ବିହାରୀ ଦାସ, ଉପସଭାପତି ଗଣେଶ୍ୱର ପ୍ରଧାନଙ୍କ ସହ ପରିଷଦର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ । ସେହିପରି କଟକ ଜିଲ୍ଲା ସଭାପତି ପ୍ରହଲ୍ଲାଦ ସାହୁ, ସମ୍ପାଦକ ଯୋଗୀନାଥ ସାହୁ, ନୟାଗଡ଼ ଜିଲ୍ଲା ମୁଖ୍ୟ ସଂଗଠକ ସୁବାସ ଚନ୍ଦ୍ର ନାୟକ, ଗଞ୍ଜାମର ଅନିରୁଦ୍ଧ ନାୟକ ଓ ପୁରୀର ବିଜୟ କୁମାର ମହାରଥୀ ଯୋଗଦେଇଥିଲେ । ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବୋଲଗଡ଼-ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ପଣ୍ଡା ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ତଥା ମନ୍ଦିର ପରିଚାଳନା କମିଟି ସଭାପତି ବେଣୁଧର ପ୍ରଧାନ ଯୋଗଦେଇଥିଲେ ।

ଏହି ଅବସରେ ମନ୍ଦିର ପରିସରରେ ଗିରିଗୋବର୍ଦ୍ଧନ ଠାକୁରଙ୍କ ନୂତନ ମନ୍ଦିର ଉଦଘାଟିତ ହୋଇଛି । ଫତେଗଡ଼ ବଡ଼ ମୁଣ୍ଡିଆ ଉପରେ ନିର୍ମିତ ଶ୍ରୀରାମ ମନ୍ଦିର ପୂର୍ବରୁ ଏହି ପାହାଡ଼ ଶିଖରରେ ଗିରିଗୋବର୍ଦ୍ଧନ ଠାକୁର ବହୁ ପୂର୍ବରୁ ପୂଜିତ ହୋଇଆସୁଛନ୍ତି । ଅଞ୍ଚଳରେ ବର୍ଷା ନ ହେଲେ ଫତେଗଡ଼ ଗ୍ରାମବାସୀ ଏଠାରେ ପୂଜାର୍ଚ୍ଚନା ତଥା ହୋମଯଜ୍ଞ କରି ପାହାଡ଼ ତଳକୁ ଆସିଲା ବେଳକୁ ନିଶ୍ଚିତ ବର୍ଷା ହୋଇଥାଏ । ପୂର୍ବରୁ ଗୋଟିଏ ପଥରରେ ସିନ୍ଦୂର ବୋଳା ହୋଇ ଗିରିଗୋବର୍ଦ୍ଧନ ଠାକୁର ପୂଜା ପାଉଥିଲା ବେଳେ ସେଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ହୋଇ ଠାକୁରଙ୍କୁ ବିଜେ କରାଯାଇଛି । ଏହା ସହ ୧୦ ଦିନ ଧରି ଚାଲିଥିବା ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି ।

## ଦିନକ ପରେ ବନ୍ଦ ହେବ ମଣ୍ଡି

# ହଜାରେ ଚାଷୀଙ୍କ ପାଖରେ ପଡ଼ିଛି ୧୪ ହଜାର କ୍ୱିଣ୍ଟାଲ ଧାନ

ଖୋର୍ଦ୍ଧା,୨୮।୩ (ସମିସ)



ଚଳିତ ବର୍ଷ ଧାନ କିଣାକୁ ନେଇ ବ୍ୟାପକ ଅବ୍ୟବସ୍ଥା ଦେଖାଯାଇଥିବାବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଚାଷୀ ଆନ୍ଦୋଳନ, ପ୍ରତିବାଦ ସଭା କଲେ। ଯୋଗାଣ ବିଭାଗ, ମଣ୍ଡି କର୍ମଚାରୀ ଭୂମିକା ଉପରେ ସନ୍ଦେହ ସମେତ ବହୁ ଅଭିଯୋଗ ଜିଲ୍ଲାପାଳଙ୍କୁ ପ୍ରଦାନ କଲେ। ମାତ୍ର ମଣ୍ଡିରେ କଟନୀ ଛଟନୀକୁ ବନ୍ଦ କରାଯାଇପାରିଲାନି। ଜିଲ୍ଲାରେ ୩୧ରେ ସମସ୍ତ ମଣ୍ଡି ବନ୍ଦ କରିବାକୁ ପ୍ରଶାସନ ସଜବାଜ ହୋଇଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୧୫୩ ମଣ୍ଡି ବନ୍ଦ ହୋଇଥିବାବେଳେ କେବଳ ଦୁଇଟି ମଣ୍ଡି ଖୋଲା ରହିଛି। ମଙ୍ଗଳବାର ମଣ୍ଡି ବନ୍ଦ ହେବାକୁ ଥିବାବେଳେ ଏବେ ବି ଚାଷୀଙ୍କ ନିକଟରେ ପ୍ରାୟ ୧୩ହଜାର ୯୦୦ କ୍ୱିଣ୍ଟାଲ ଧାନ ରହିଥିବା ଜିଲ୍ଲା ଯୋଗାଣ ବିଭାଗ ତଥ୍ୟରୁ ଜଣାଯାଇଛି।

ଚଳିତ ବର୍ଷ ଜିଲ୍ଲାରେ ଚାଷୀ ଉପରେ ପ୍ରକୃତି ଓ ତା ସାଙ୍ଗକୁ ବନ୍ୟପ୍ରାଣୀ ଦାଉ ସାଧିଥିବାବେଳେ ଏଥିରୁ ବର୍ତ୍ତିବା ପରେ ମଣ୍ଡିରେ ମିଲର୍‌ର ନାଲିଆଖି ଚାଷୀଙ୍କୁ ଲୁହ ନୁହେଁ ରକ୍ତ କନ୍ଦାଇଥିଲା। ପ୍ରତି ମଣ୍ଡିରେ କ୍ୱିଣ୍ଟାଲ ପିଛା ୫ରୁ ୭କେଜି କଟନୀ ଛଟନୀକୁ ନେଇ ବିବାଦ ଉଠିଥିଲା। ସମସ୍ତ ଚାଷୀଙ୍କଠାରୁ ଧାନ ବିନା କଟନୀ ଛଟନୀରେ ଧାନ ସଂଗ୍ରହ ହେବା ନେତା ମନ୍ତ୍ରୀମାନେ ବାହାସ୍ଫୋଟ ମାରୁଥିବାବେଳେ କଟନୀ ଛଟନୀ କିନ୍ତୁ ଚାଷୀଙ୍କୁ କନ୍ଦାଇଲା। ମାତ୍ର ଯୋଗାଣ ବିଭାଗ ପରିସଂଖ୍ୟାନକୁ ଦେଖିଲେ ଏବେ ବି ୯୬୧ଜଣ ଚାଷୀଙ୍କ ନିକଟରେ ଧାନ ପଡି ରହିଛି। ମଣ୍ଡିରେ କଟନୀ ଛଟନୀ କରାଯିବନି ବୋଲି ସରକାର ଓ ପ୍ରଶାସନ କହିଥିବାବେଳେ ପ୍ରତ୍ୟେକ ମଣ୍ଡିରେ ଏ ପ୍ରତିଶ୍ରୁତି ପାଳନ ହୋଇନାହିଁ। ତେଣୁ ବିରୋଧି ଏ ନେଇ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରିଛି। କିନ୍ତୁ ଯୋଗାଣ ବିଭାଗ ଆଜି ସୁଦ୍ଧା ୧୭,୧୮,୧୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିବାବେଳେ ଏବେ ଜିଲ୍ଲାରେ ଟାର୍ଗେଟ ଶେଷ ହୋଇଥିବା କହି ୧୫୩ ମଣ୍ଡି ବନ୍ଦ କରିଛି। ଦୁଇଟି ମଣ୍ଡି ଖୋଲାଥିବାବେଳେ ଦିନକ ପରେ ତାହା ମଧ୍ୟ ବନ୍ଦ ହେବ। ମାତ୍ର ଯୋଗାଣ ବିଭାଗର ପଞ୍ଜିକୃତ ଚାଷୀ ପରିସଂଖ୍ୟାନ ତଥ୍ୟ କହୁଛି ଶନିବାର ସୁଦ୍ଧା ୯୬୧ଜଣ ପଞ୍ଜିକୃତ ଚାଷୀଙ୍କ ଧାନ ସଂଗ୍ରହ କରିବାରେ ଯୋଗାଣ ବିଭାଗ ବିଫଳ ହୋଇଛି।

ଜିଲ୍ଲା ଯୋଗାଣ ବିଭାଗ ତଥ୍ୟ ଅନୁସାରେ, ଗତ ନଭେମ୍ବର ମାସରେ ଜିଲ୍ଲା ଧାନ ସଂଗ୍ରହ କମିଟି ବୈଠକ ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୦୭ରେ ଧାନମଣ୍ଡି ଖୋଲିଥିଲା। ୫୨,୯୫୬ ଜଣ ଚାଷୀ ଧାନଦେବାକୁ ନାମ ପଞ୍ଜିକୃତ କରିଥିବାବେଳେ ୧୭ଲକ୍ଷ ୩୨ହଜାର କୁଇଁଟାଲ ଧାନ କିଣିବାକୁ ମୁଖ୍ୟ ଲକ୍ଷ୍ୟ ରଖାଯାଇଥିଲା। ଏହି କ୍ରମରେ ୧୫୫ ମଣ୍ଡି ଯୋଗେ ଧାନ ସଂଗ୍ରହ କରାଯାଇଥିଲା। ମଣ୍ଡି ଗୁଡ଼ିକରୁ ଧାନ ଉଠାଇବାକୁ ୧୬ଜଣ ମିଲର ଅଂଶ ଗ୍ରହଣ କରିଥିଲେ। ଶନିବାର ସୁଦ୍ଧା ମାତ୍ର ୫୧,୯୯୫ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯାଇଛି।

ମାତ୍ର ମଣ୍ଡିରେ ଧାନ ସଂଗ୍ରହଠାରୁ ମିଲରମାନେ ୫ରୁ୭ କିଲୋ କଟନୀଛଟନୀ କରିଥିବା ଚାଷୀ ଅଭିଯୋଗ କରିଥିଲେ। ଖାଲି ସେତିକି ନୁହେଁ ବର୍ଗ ଟାର୍ଗେଟ ଶେଷ ହୋଇଥିବା କହି ସେବା ସମବାୟ ସମିତି ସମ୍ପାଦକମାନେ ଧାନ ସଂଗ୍ରହ କରୁନଥିବାବେଳେ ଦଲାଲଙ୍କ ଜରିଆରେ ଧାନ ସଂଗ୍ରହ ହେଉଥିବା ବହୁ ଅଭିଯୋଗ ଜିଲ୍ଲାପାଳଙ୍କ ନିକଟରେ ହୋଇଥିଲା। ବିଗତ ଦିନରେ ଚାଷୀମାନେ ମଣ୍ଡି ସମସ୍ୟାକୁ ନେଇ ଯୋଗାଣ ବିଭାଗକୁ ଘେରିବା ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିରୋଧ ଓ ପ୍ରତିବାଦ କରିଥିବା ଦେଖାଯାଇଥିଲା।

ଏ ନେଇ ନବନିର୍ମାଣ କୃଷକ ସଂଗଠନ ଯୁବଛାତ୍ର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀଙ୍କ କହିବା କଥା ଜିଲ୍ଲାରେ କେବଳ ପଞ୍ଜିକୃତ ୯୬୧ଜଣ ଚାଷୀ ଅଭାବୀ ଧାନ ବିକ୍ରି ସମ୍ମୁଖୀନ ହୋଇଛନ୍ତି ତାହା ନୁହେଁ ବର୍ଗ ଟୋକନ ବାଜ୍ୟାପ୍ତି ଚାଷୀ ମଧ୍ୟ ଧାନ ବିକ୍ରି କରିବାରୁ ବଂଚିତ ହୋଇଛନ୍ତି। ଯଦି ସରକାରଙ୍କ ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ଶେଷ ହୋଇଛି ତେବେ ଉକ୍ତ ଚାଷୀଙ୍କ ସ୍ଥାନରେ କିଏ ଧାନ ଦେଇଛି ବୋଲି ପ୍ରଶ୍ନ କରିଛନ୍ତି। ଯୋଗାଣ ବିଭାଗ ଏବଂ ସେବା ସମବାୟ ସମିତି କର୍ମଚାରୀମାନେ ରାଜ୍ୟ ସରକାରଙ୍କ ଦଲାଲ୍ ଭଳି ତାଙ୍କ ସମର୍ଥିତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଥିବା ଅଭିଯୋଗ ଆଣିଛନ୍ତି। ତେଣୁ ଧାନ ବିକ୍ରିରୁ ବଂଚିତ ଚାଷୀଙ୍କ ଧାନ ପାଖରେ ପଡ଼ିଥିବା ବେଳେ କେମିତି ମଣ୍ଡି ବନ୍ଦ ହୋଇଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

## ଅଗ୍ନିଶମ ବାହିନୀ ପକ୍ଷରୁ ନିରାପତ୍ତା କୌଶଳ କାର୍ଯ୍ୟକ୍ରମ




ଜଟଣୀ, ୨୮।୩ (ସମିସ): ଜଟଣୀ ପୌର ପରିଷଦରେ ଆଜି ଅଗ୍ନିଶମ ବାହିନୀ ପକ୍ଷରୁ ଅଗ୍ନି ନିରାପତ୍ତା କୌଶଳ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଗ୍ନି ନିରାପକ ଯନ୍ତ୍ରର ବ୍ୟବହାର, ଜରୁରୀକାଳୀନ ପ୍ରସ୍ଥାନ ମାର୍ଗ ଏବଂ ଛୋଟ ଅଗ୍ନିକାଣ୍ଡକୁ ଆୟତ କରିବାର କୌଶଳ ପ୍ରଦର୍ଶିତ ହୋଇଥିଲା। ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗିଯିବା କିମ୍ବା ବିଦ୍ୟୁତ ସର୍ଟ ସର୍କିଟରୁ ନିଆଁ ଲାଗିଲେ କିଭଳି ଏହାକୁ ସାମ୍ନା କରିବା ସହ ଆୟତ୍ତ କରିହେବ ସେ ବିଷୟରେ ଅଗ୍ନି ଯୋଦ୍ଧା ମାନେ ଖୁବ ସୁନ୍ଦର ଭାବେ ସଚେତନ କରିଥିଲେ। ନିର୍ବାହୀ ଅଧିକାରୀ ଆକ୍ରିତି ଗୋଏଙ୍କା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ବେହେରା ଜଟଣୀ ସହରରେ ଥିବା ବହୁତଳ ବ୍ୟବସାୟ ପ୍ରତିଷ୍ଠାନ ଏବଂ ରାସ୍ତା ଅବରୋଧକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଅନ୍ୟପଟେ ପୌର ଅଧକ୍ଷ ଅନନ୍ତ ବେହେରା କହିଛନ୍ତି ଖୁବ୍‌ଶୀଘ୍ର ରାସ୍ତା ଅବରୋଧ କାରୀ ଏବଂ ବହୁତଳ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକର ତାଲିକା ପ୍ରସ୍ତୁତ କରାଯିବ। ଅଗ୍ନି ନିରାପତ୍ତା ନିୟମ ନ ମାନିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଦରକାର ପଡିଲେ ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ସିଲ୍ କରାଯିବ। କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା, କାଉନସିଲର ମାନଙ୍କ ସହ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

● ଜଟଣୀ ବାର୍ ଆସୋସିଏସନ୍‌ର ନିର୍ବାଚନ

## ଜ୍ଞାନେନ୍ଦ୍ର ସଭାପତି, ବ୍ରଜବନ୍ଧୁ ସମ୍ପାଦକ



ଜଟଣୀ, ୨୮।୩ (ସମିସ): ରାଜ୍ୟ ବାର୍ ଆସୋସିଏସନ୍‌ର ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ଜିଲ୍ଲାରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ବାର୍ ଆସୋସିଏସନ୍‌ର ନିର୍ବାଚନ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ବାର୍ ଆସୋସିଏସନ୍‌ର ନିର୍ବାଚନରେ ସଭାପତି ଭାବେ ଜ୍ଞାନେନ୍ଦ୍ର ସେନାପତି, ସମ୍ପାଦକ ଭାବେ ବ୍ରଜବନ୍ଧୁ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଚଳିତବର୍ଷ ନିର୍ବାଚନରେ ଉପସଭାପତି ଭାବେ ପ୍ରଦୀପ କୁମାର ସୁବୁଦ୍ଧି ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସହ ସମ୍ପାଦକ ଭାବେ ମିହିରକାନ୍ତ କୋଠାରୀ ଓ କୋଷାଧ୍ୟକ୍ଷ ଭାବେ ସୌଭାଗ୍ୟ ସୁନ୍ଦରାୟ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ଭାସ୍କର ଚନ୍ଦ୍ର ଘଡ଼ାଇ, ଚକ୍ରଧର ଦାସ, ପ୍ରିୟଙ୍କା ବେହେରା, ଜୟଲକ୍ଷ୍ମୀ ମହାନ୍ତି, ଉଷାରାଣୀ ଦାଶ, ରଶ୍ମିତା ବଡ଼ଜେନା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଉମେଶଚନ୍ଦ୍ର ମିଶ୍ର, ସହକାରୀ ନିର୍ବାଚନ ଅଧିକାରୀ ଭାବେ ସଞ୍ଜୟ ମହାପାତ୍ର, ରଷିକୂଲ୍ୟା ସାମନ୍ତରାୟ, ଭି ନବୀନ କୁମାର ପରିଚାଳନା କରିଥିଲେ। ଏଥିସହ ପୁଲିଂ ଏଜେଣ୍ଟ ଭାବେ ଆଲୋକ ମହାନ୍ତି, ସୁଶାନ୍ତ ସୁବୁଦ୍ଧି, ଶୁଭେନ୍ଦୁ ପଟ୍ଟନାୟକ ଓ ନରେଶ ସାମନ୍ତରାୟ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟପଟେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ଲୟର୍ସ ଆସୋସିଏସନ୍‌ର ନିର୍ବାଚନ ସ୍ଥଗିତ ରହିଥିବା ଜଣାପଡ଼ିଛି।

## ସାମନ୍ତରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖୋର୍ଦ୍ଧା,୨୮। ୩(ସମିସ): ଖୋର୍ଦ୍ଧା ସାମନ୍ତରାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ମୁଖ୍ୟବକ୍ତା ରୂପେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଂଜନ ମହାନ୍ତି ଏବଂ ସମ୍ମାନିତ ଅତିଥି ରୂପେ କାଉନସିଲର ପ୍ରବୀଣା ଜଗଦ୍ଦେବ ରାୟ, କାଉନସିଲର କମଳ ପ୍ରଧାନ, ସିଆରସିସି ରେବତୀ ପଣ୍ଡା ଓ ବିଦ୍ୟାଳୟ କମିଟି ସଭାପତି ସୁକାନ୍ତ ପୃଷ୍ଟି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଭଲ ପାଠ ପଢିବା ସହିତ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ଖେଳ ପଡ଼ିଆ ପାଇଁ ଜାଗା ଚିହ୍ନଟ ହୋଇ ତାହା ପ୍ରଦାନ କରାଯିବା ପାଇଁ ପୌରାଧ୍ୟକ୍ଷା ପ୍ରତିଶ୍ରୁତି ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ନମିତା ରାଣୀ ରାୟସାମନ୍ତ ବାର୍ଷିକ ବିବରଣୀ ଓ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସାହୁ ଅତିଥି ପରିଚୟ ଦେଇଥିଲେ। ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବଂଟନରେ ସୁଜାତା ମିଶ୍ର ଓ କୁମୁଦିନୀ ବେହେରା ସହଯୋଗ ପ୍ରଦାନ କରିଥିବାବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶୁଭସ୍ମିତା ବେହେରା, କୁସୁମ ପ୍ରଧାନ ଓ ଦୀପ୍ତିମୟୀ ସାହୁ ପରିଚାଳନା କରିଥିଲେ। ପରିଶେଷରେ ଶିକ୍ଷକ ସନ୍ଦୀପ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ମଲ୍ଲିପଦର ଆମ ଗାଁ ମହୋତ୍ସବର ଚତୁର୍ଥ ସନ୍ଧ୍ୟା




ବେଗୁନିଆ,୨୮।୩(ସମିସ): ବେଗୁନିଆ ବ୍ଲକ କଣ୍ଟାବାଡ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିପଦର(ବାସୁଦେବପୁର) ଗ୍ରାମରେ ଅଷ୍ଟମ ବାର୍ଷିକ ଆମ ଗାଁ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଏଥିରେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ୍ ମୁଖ୍ୟବକ୍ତା, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବିଜେଡି ବ୍ଲକ୍ ସଭାପତି ପ୍ରଶାନ୍ତ ବେହେରା ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି ଓ କୋଷାଧ୍ୟକ୍ଷ ଅମୀୟ ଭୂଷଣ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବ ଆଗାମୀ ପିଢ଼ି ପାଇଁ ଏକ ସମୟ ଅନୁଯାଇ ଏକ ମନୋରଞ୍ଜନ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ। ଦ୍ୱିତୀୟ ଦିନ ସନ୍ଧ୍ୟାରେ ଓଡ଼ିଶା ରାଜ୍ୟ କଳା ସଂସ୍କୃତି ବିଭାଗ ପକ୍ଷରୁ ସୋନପୁର ଖଣ୍ଡ ରାଜା କଲଚରାଲ ଡ୍ୟାନସ ଏକାଡେମୀ, ଖୋର୍ଦ୍ଧା ମୂର୍ଚ୍ଛନା ଗୋଟିପୁଅ, ଭୁବନେଶ୍ୱର କଳାଭୂମି ସୁଗମ ସଙ୍ଗୀତ, ପୁରୁଲିଆ ଛଉ ନୃତ୍ୟ ଇଜେସିସି, ମା' ଦୁର୍ଗା ଡ୍ୟାନ୍ସ ଗ୍ରୁପ, ସୁନାଖଳାନୃତ୍ୟ ପ୍ରଣାମ, ଭୁବନେଶ୍ୱର୍ ମା' ଖମ୍ବେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ପ୍ରଡକ୍ସନ ହାଉସ, ଓ ଭୁବନେଶ୍ୱର ମିଶ୍ର ଓ କିର୍ତ୍ତିଙ୍କ ଦ୍ୱାରା ଟ୍ରାକ ସଙ୍ଗୀତ ସହ ସ୍ଥାନୀୟ ଅଞ୍ଚଳର କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ମନଭରି ଉପଭୋଗ କରୁଥିବା ବେଳେ ଅଦିନିଆ କାଳ ବୈଶାଖୀ ବର୍ଷା ଓ ପବନ ଯୋଗୁଁ କାର୍ଯ୍ୟକ୍ରମ ବାତିଲ ହୋଇଥିଲା।

## ବିଜେପିର ମଣ୍ଡଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଖୋର୍ଦ୍ଧା,୨୮।୩(ସମିସ): ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ନିଷ୍ପତ୍ତି ଅନୁଯାୟୀ ସମଗ୍ର ଦେଶରେ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଏହି ଅବସରରେ ସ୍ଥାନୀୟ କାଇପଦରଠାରେ ଖୋର୍ଦ୍ଧା ବିଧାନସଭାର ମଧ୍ୟ ଖୋର୍ଦ୍ଧା ମଣ୍ଡଳର ଦୁଇଦିନିଆ ପ୍ରଶିକ୍ଷଣ ବର୍ଗ ଉଦ୍‌ଘାଟିତ ହୋଇଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ନାମରେ ନାମିତ ଏହି ବର୍ଗକୁ ଜିଲ୍ଲାର ପୂର୍ବତନ ସଭାପତି ରଶ୍ମିରଂଜନ ମହାପାତ୍ର ଉଦଘାଟନ କରିଥିଲେ। ମଣ୍ଡଳ ସଭାପତି ରଂଜିତ ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ବର୍ଗରେ ଜାତୀୟ ପରିଷଦ ସଦସ୍ୟ ଅଜୟ ମିଶ୍ର, ରାଜ୍ୟ ସମବାୟ ପ୍ରକୋଷ୍ଠର ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ ଦଳାଇ, ପୂର୍ବତନ ମଣ୍ଡଳ ସଭାପତି ପ୍ରଦୀପ୍ତ ପାଣି ଓ ସାଂସଦ ପ୍ରତିନିଧି ତଥା ବର୍ଗ ପ୍ରମୁଖ ବିଭୂପ୍ରସାଦ ବଳିୟାରସିଂହ ଅତିଥିଭାବେ ଯୋଗଦେଇଥିଲେ। ଦୁଇଦିନ ବ୍ୟାପି ଏହି ପ୍ରଶିକ୍ଷଣ ବର୍ଗରେ ୭ଟି ସୂତ୍ରରେ ବକ୍ତାମନେ ଆଲୋକପାତ କରିବେ। ମଣ୍ଡଳ ଅନ୍ତର୍ଗତ ୬ଟି ପଂଚାୟତର ପ୍ରମୁଖ, ୩୫ଟି ବୁଥର ସଭାପତି, ମଣ୍ଡଳରୁ ତଦୁର୍ଦ୍ଧ୍ୱ ପଦାଧିକାରୀ ଏବଂ ମଣ୍ଡଳ କମିଟିର ସମସ୍ତ ସଦସ୍ୟ ଓ ସଦସ୍ୟା ଯୋଗଦେଇଥିଲେ।

## ରାଜଯୋଗିନୀ ଜାନକୀ ଦାଦିଜୀଙ୍କ ସ୍ମୃତିସଭା

ଖୋର୍ଦ୍ଧା,୨୮।୩(ସମିସ): ସଂସ୍ଥାର ମାଉଣ୍ଟ ଆବୁ ମୁଖ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ଜାନକୀଙ୍କର ଷଷ୍ଠତମ ପୁଣ୍ୟତିଥି ଗୋଡିପୋଖରୀସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଖୋର୍ଦ୍ଧା ସେବାକେନ୍ଦ୍ରର ମୁଖ୍ୟ ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶତାଧିକ ବ୍ରହ୍ମାକୁମାର ଓ କୁମାରୀ ଯୋଗ ଦେଇ ବିଶ୍ୱଶାନ୍ତି ପାଇଁ ପରମାତ୍ମାଙ୍କ ନିକଟରେ ପ୍ରାର୍ଥନା କରିବା ସହ ଦାଦିଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅତିଥି ଭାବେ ନିକୁଞ୍ଜ ପଟ୍ଟନାୟକ ଦାଦିଜୀଙ୍କର ଗୁଣ ଓ ମହିମା ଗାନ କରିଥିଲେ। ଶେଷରେ ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଟାଙ୍ଗୀ ଲୟର୍ସ ବାର୍ ଆସୋସିଏସନ୍ ନିର୍ବାଚନ



ଟାଙ୍ଗୀ,୨୮।୩ (ସମିସ): ରାଜ୍ୟ ବାର କାଉନସିଲ ଓଡିଶା କଟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ଟାଙ୍ଗୀ ଲୟର୍ସ ବାର ଆସୋସିଏସନର ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଟାଙ୍ଗୀ ଲୟର୍ସ ବାର ଆସୋସିଏସନର ସଭାପତି ଭାବେ ବରିଷ୍ଠ ଆଡଭୋକେଟ ସୁରେନ୍ଦ୍ର କୁମାର ବେହେରା ନିର୍ବାଚିତ ହୋଇଛନ୍ତି। ସଭାପତି ଆସନରେ କେବଳ ପ୍ରତିଦ୍ୱନ୍ଦିତା ହୋଇଥିବା ବେଳେ ଅନ୍ୟ ସମସ୍ତ ପଦବୀରେ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଅମରେନ୍ଦ୍ର କୁମାର ମହାନ୍ତି ଜଣାଇଛନ୍ତି। ଉପସଭାପତି ଭାବେ ମଙ୍ଗରାଜ ସାମନ୍ତରାୟ, ସଂପାଦକ ଭାବେ ରଣାମଣି ଦେଇ,ଯୁଗ୍ମ ସଂପାଦକ ତପନ କୁମାର ମହାନ୍ତି, ସହ ସଂପାଦକ ଭାବେ ମନୋଜ କୁମାର ପଟ୍ଟନାୟକ, ଲାଇବ୍ରେରି ସଂପାଦକ ଦେବିପ୍ରସାଦ ମର୍ଦରାଜ, କୋଷାଧ୍ୟକ୍ଷ ସୁଜାତା ପଲାଇ, କାର୍ଯ୍ୟନିର୍ବାହୀ ମଣ୍ଡଳିରେ ବିଶ୍ୱଜିତ ରାଉତରାୟ, ଦେବପ୍ରସନ୍ନ ମାଲୁ, ଗଂଗାଧର ପ୍ରଧାନ, ହୃଷିକେଶ ପ୍ରଧାନ,ଅଶୋକ କୁମାର ପାତ୍ର ଓ ରବୀନ୍ଦ୍ର କୁମାର ରଣା। ରାଜ୍ୟ ବାର କାଉନସିଲର ନିର୍ଦ୍ଦେଶ କ୍ରମେ ପର୍ଯ୍ୟବେକ୍ଷକ ଭାବେ ବାରକାଉନସିଲ ମେମ୍ବର ଅକ୍ଷୟ କୁମାର ପତି ଯୋଗଦେଇଥିଲେ। ଏଜେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲେ ପୂର୍ବତନ ସଂପାଦକ ପୀତବାସ ନାୟକ, ଜ୍ଞାନେନ୍ଦ୍ର ରଣା। ଏହି ଅବସରରେ ପୂର୍ବତନ ସଭାପତି ନକୁଳ ନାୟକ, ହମିଦ ମିରା, ପ୍ରତାପ ମହାପାତ୍ର, ରାମଚନ୍ଦ୍ର ପାତ୍ର, ହେମନ୍ତ ପ୍ରଧାନ, ନିରଂଜନ ବଳବନ୍ତରାୟ, ଆଣ୍ଟୋନି ଜଗଦେବ, ପ୍ରିୟରଂଜନ ପରିଡା, ଜିତେନ୍ଦ୍ର ଜେନା, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ ଆଡଭୋକେଟ ଉପସ୍ଥିତ ଥିଲେ।

## ବାଣପୁର ଓକିଲ ସଂଘର ସଭାପତି ଜଗନ୍ନାଥ ଓ ସମ୍ପାଦକ ମହେନ୍ଦ୍ରପ୍ରସାଦ ନିର୍ବାଚିତ

ବାଣପୁର,୨୮।୩ (ସମିସ): ରାଜ୍ୟ ବାର କାଉନସିଲ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଚଳିତ ବର୍ଷର ସମସ୍ତ ଓକିଲ ସଂଘର କର୍ମକର୍ତ୍ତାଙ୍କ ନିର୍ବାଚନ ଶନିବାର ଏକାକାଳୀନ ଭାବେ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ବାଣପୁର ଓକିଲ ସଂଘର କର୍ମକର୍ତ୍ତାମାନଙ୍କର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ନିର୍ବାଚନରେ ସଂଘର ସଭାପତି ପଦବୀ ପାଇଁ ତ୍ରିମୁଖୀ ଲଢେଇ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ଭୋଳ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ମହେନ୍ଦ୍ର ପ୍ରସାଦ ସାମନ୍ତସିଂହାର ସମ୍ପାଦକ ଓ ନିରୋଜ କୁମାର ମହାନ୍ତି ଉପ-ସଭାପତି, ନରେନ୍ଦ୍ର କୁମାର ନାୟକ ସହ-ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସୁଦର୍ଶନ ଜାଲି ଓ ଚିରସ୍ମିତା ବେହେରା ନିର୍ବାଚିତ ହୋଇଛନ୍ତି। ଆଇନଜୀବୀ ମନୋଜ କୁମାର ମହାପାତ୍ର ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ନୂତନ ସଭାପତି ଶ୍ରୀ ଭୋଳ ପୂର୍ବରୁ ବିଗତ ବର୍ଷରେ ୨ଥର ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ସ୍ଥଳେ ଚଳିତ ନିର୍ବାଚନରେ କଡା ମୁକାବିଲା ମଧ୍ୟରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ଟାଙ୍ଗୀ,୨୮।୩ (ସମିସ): ଟାଙ୍ଗୀ ବ୍ଲକ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଉପ ସଭାନେତ୍ରୀ ସୋନାଲୀ ମଣ୍ଡଳ, ସଭ୍ୟା ରୀତୁ ମଣ୍ଡଳ, ପଞ୍ଚସଖା ଶିକ୍ଷା ସେତୁ ସଭାନେତ୍ରୀ ରାଜେଶ୍ୱରୀ ହାଲଦାର, ଚିତ୍ତରଞ୍ଜନ ମଣ୍ଡଳ, ଅଙ୍ଗନବାଡି କର୍ମୀ ଭାରତୀ ଦେଇ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଚରିତ୍ର ଗଠନ ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ମନୋରମା ସାହୁ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଏବଂ ପାଠ୍ୟ ଉପକରଣ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। କୃତି ପ୍ରତିଯୋଗୀ ହେଲେ ମୀରା ମଣ୍ଡଳ, ପିୟୁ ସାନା, କୋଏଲ ବୈରାଗୀ, ରିତେଶ ମଣ୍ଡଳ,ମଙ୍ଗଳ ମଣ୍ଡଳ, ମିନୁ ଢାଲି, ସୋନାଲୀ ମଣ୍ଡଳ ପ୍ରମୁଖ। ଶିକ୍ଷୟିତ୍ରୀ ରୂପାଲୀ ପାତ୍ରଙ୍କ ତତ୍ତ୍ୱାବଧାନରେ ଶିଶୁମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ବୀଣାପାଣି ମଣ୍ଡଳ, ଗାୟତ୍ରୀ ବିଶ୍ୱାସ, ମଲୀନା ମଣ୍ଡଳ, ରିଙ୍କି ବୈରାଗୀ, ଶୁଭଶ୍ରୀ ମଣ୍ଡଳ, ଲିପିକା ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମା' ରାମଚଣ୍ଡୀଙ୍କ ନବପତ୍ରିକା ହୋମ ଓ ବାର୍ଷିକ ମହାଯଜ୍ଞ

ବୋଲଗଡ଼,୨୮।୩ (ସମିସ): ବାସନ୍ତିକ ପୂଜାର ଦଶମୀ ତିଥିରେ ବୋଲଗଡ଼ ଗଡ଼ର ଆରାଧ୍ୟ ଦେବୀ ମା' ରାମଚଣ୍ଡୀଙ୍କ ପୀଠରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ଯଜ୍ଞ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ହୋଇଯାଇଛି। ଅଶୋକାଷ୍ଟମୀ ଦିନ ମା'ଙ୍କ ମନ୍ଦିର ପରିସରରେ ନବପତ୍ରିକା ହୋମ କାର୍ଯ୍ୟ ହୋଇଥିଲା। ସେହି ଦିନ ଠାରୁ ଯଥାରୀତି ନୀତି ଅନୁସାରେ ଏଠାରେ ମା'ଙ୍କ ବାର୍ଷିକ ପୂଜାଉତ୍ସବ ପାଇଁ ଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମା' ରାମଚଣ୍ଡୀ ମନ୍ଦିର ପରିଚାଳନା କମିଟି ଏବଂ ଗଡଭିତର ସାହି ଗ୍ରାମବାସୀଙ୍କ ସୌଜନ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଚୈତ୍ର ଶୁକ୍ଳପକ୍ଷ ବାସନ୍ତିକ ଦଶମୀ ତିଥିରେ ଯଜ୍ଞ କାର୍ଯ୍ୟ ପାଇଁ ପାଇଁ ପୂର୍ବାହ୍ନରେ ଶ୍ରଦ୍ଧାଳୁ ମାନେ କଳସ ଯାତ୍ରାରେ ପୂଜା ଜଳକୁମ୍ଭ ନେଇ ଯଜ୍ଞବେଦୀଠାରେ ସ୍ଥାପନ କରିଥିଲେ। ପରେ ସକାଳ ୧୦ଟାରେ ଅଗ୍ନିସ୍ଥାପନ ଏବଂ ଅପରାହ୍ନରେ ମହାଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା।

## ଖୋର୍ଦ୍ଧା ଓକିଲ ସଂଘ ନିର୍ବାଚନ

# ସଭାପତି ଲୋତକବିନ୍ଦୁ ପଟ୍ଟନାୟକ, ଲିଙ୍ଗରାଜ ସାହୁ ସମ୍ପାଦକ

ଖୋର୍ଦ୍ଧା,୨୮।୩(ସମିସ)



ରାଜ୍ୟ ବାର କାଉନସିଲ ନିଷ୍ପତ୍ତି କ୍ରମେ ଆଜି ସମଗ୍ର ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ଓକିଲସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରୂପେ ଲୋତକବିନ୍ଦୁ ପଟ୍ଟନାୟକ ୧୫୧ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମାନସ ରଞ୍ଜନ ପଟ୍ଟନାୟକ ୧୨୧ଖଣ୍ଡ ଭୋଟ ପାଇଥିଲେ। ସେହିପରି ଉପସଭାପତି ଭାବେ ହରପ୍ରସାଦ ମହାପାତ୍ର ୧୮୨ ଖଣ୍ଡ ଭୋଟ ରେ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ସନ୍ତୋଷ କୁମାର ସାମନ୍ତସିଂହାର ୧୪୮ଖଣ୍ଡ ଭୋଟ ପାଇଥିଲେ। ସମ୍ପାଦକ ଭାବେ ଲିଙ୍ଗରାଜ ସାହୁ ୧୯୫ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବଳରାମ ସାହୁ ମାତ୍ର ୭୭ଖଣ୍ଡ ଭୋଟ ପାଇଛନ୍ତି। ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ କେଶରୀ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଭଞ୍ଜ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ସେହିପରି ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟଭାବେ ବିକ୍ରମ କେଶରୀ ଛୁଆଳସିଂହ, ପ୍ରଦୀପ କୁମାର ମିଶ୍ର, ରାଧାକାନ୍ତ ରାୟ ସାମନ୍ତ, ସାବିତ୍ରୀ ଦେବୀ, ଜମ୍ମିରୁଦ୍ଦିନ୍ ଖାନ୍ ଏବଂ ମୋନାଲିସା ମିଶ୍ର ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଆଜି ସକାଳ ସାଢେ ୭ରୁ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ଭୋଟ ଗଣତି ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା। ସର୍ବମୋଟ ୩୭୧ଭୋଟରଙ୍କ ମଧ୍ୟରୁ ୩୩୪ଜଣ ସେମାନଙ୍କ ମତଦାନ କରିଛନ୍ତି। ଆଜିର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବିଜୟ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିବାବେଳେ ପ୍ରଭଞ୍ଜନ ଜେନା, ପୁଷ୍ପାଞ୍ଜଳି ଉଦୟସିଂ, ପ୍ରଦୀପ୍ତ ପ୍ରସାଦ ରାମ ଓ ସଞ୍ଜୟ ଶତପଥୀ ପରିଚାଳନା ରେ ସହଯୋଗ କରିଥିଲେ। ପୂର୍ବତନ ସଭାପତି ଶିଶିର କୁମାର ପରିଡା, ଜୀବନଜ୍ୟୋତି ମିଶ୍ର, ପୂର୍ବତନ ସମ୍ପାଦକ ପ୍ରଭଞ୍ଜନ ଜେନା, ଚିଲିକା ବାର ସଭାପତି ପ୍ରମୋଦ କୁମାର ଜେନା ପ୍ରମୁଖ ସମସ୍ତ ନିର୍ବାଚିତ ସମସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

